READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ | ସଂଖ୍ୟା-୦୮ | ୦୨ - ୦୮ ମାର୍ଚ୍ଚ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-08 | 02nd - 08th MARCH, 2020 | BHUBANESWAR | ₹ 5/- (8 Pages)

## ପୂର୍ବାଞ୍ଚଳ ବିକାଶ ଲାଗି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ମିଳୁ : ନବୀନ



**ଭୁବନେଶ୍ୱର :** ଭୁବନେଶ୍ୱର ଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ପୂର୍ବାଞ୍ଚଳ ପରିଷଦର ୨୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକରେ ସହଅଧ୍ୟକ୍ଷତା କରିବା ସହ ଆୟୋଜକ ଭାବେ ଯୋଗ ଦେଇଥିଲେ । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ, ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ରମେଶ ଓରାଓଁ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ସାମୁଦ୍ରିକ ଝଡ଼ ସମୟରେ ନିରନ୍ତର ସହାୟତା ଲାଗି କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କୋଇଲା ରୟାଲିଟି ବୃଦ୍ଧି ପ୍ରସଙ୍ଗ ଉଠାଇଥିଲେ । ଏହି ବୈଠକରେ ଶ୍ରୀ ପଟ୍ଟନାୟକ ନିଜର ଅଭିଭାଷଣରେ ଓଡ଼ିଶାକୁ ସ୍ପେଶାଲ ଫୋକସ ଷ୍ଟେଟ୍ ମାନ୍ୟତା ଦାବି କରିଛନ୍ତି । ଓଡ଼ିଶା କ୍ରମାଗତ ଭାବେ ପ୍ରାକୃତିକ ବିପର୍ଯ୍ୟୟ ସହ ଯୁଝୁଥିବାରୁ ସ୍ପେଶାଲ ଫୋକସ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ସାମୁଦ୍ରିକ ଝଡ 'ଫନି' ସମୟରେ ସହାୟତା ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକରେ ୪ଟି ପ୍ରସଙ୍ଗ ଉଠାଇଛନ୍ତି ନବୀନ । ସେ କହିଥିଲେ, ଜାତୀୟ ସଂହତି ଓ ରାଜ୍ୟ-ରାଜ୍ୟ, କେନ୍ଦ୍ର-ରାଜ୍ୟ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଏହି ବୈଠକର ମୂଳ ଉଦ୍ଦେଶ୍ୟ । ଅର୍ଥନୈତିକ ଭିତ୍ତିଭୂମି ଓ ପ୍ରଯୁକ୍ତି ବିଦ୍ୟାକୁ ନେଇ ସମସ୍ତଙ୍କ ମଧ୍ୟରେ ସଂହତି ଆସିବା ଦରକାର । ଏଥିସହ ଟେଲି ଯୋଗାଯୋଗ, ବ୍ୟାଙ୍କିଙ୍ଗ୍ ସେବା ଓ ରେଳ, ସଡକ ସଂଯୋଗ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ଦୁଇ ଗୁଣ କରିବାକୁ ପ୍ରସ୍ତାବ ରଖିଛନ୍ତି ନବୀନ । ➤ ପୃ-୬

### ୫୫ ବର୍ଷରେ କଂଗ୍ରେସ ଓଡିଶା ପାଇଁ ଯାହା କରିନଥିଲା ବିଜେପି ୫ ବର୍ଷରେ କରିଛି : ଅମିତ ଶାହା

# ସିଏଏ ନାଗରିକତା ନେବନି

**ଭୁବନେଶ୍ୱର :** ଲୋକସଭା ନିର୍ବାଚନରେ ଓଡିଶାବାସୀ ବିଜେପିକୁ ଏବଂ କେନ୍ଦ୍ରରେ ମୋଦୀ ସରକାରଙ୍କୁ ବିଶ୍ୱାସ କରି ୩୮.୪ ପ୍ରତିଶତ ଭୋଟ ଦେଇ ୮ ଜଣ ସାଂସଦଙ୍କୁ ବିଜୟୀ କରିଛନ୍ତି । ବିଧାନସଭା ନିର୍ବାଚନରେ ବିଜେଡିକୁ ୧.୧ କୋଟି ଭୋଟ ମିଳିଥିବାବେଳେ ବିଜେପିକୁ ୯୧ ଲକ୍ଷ ଭୋଟ ମିଳିଛି । ବିଧାନସଭା ନିର୍ବାଚନରେ ବିଜେପିର ୩୭ ବୁଥରୁ ୧୪ ହଜାରୁ ଅଧିକ ବୁଥରେ ବିଜେପି ପ୍ରଥମ ସ୍ଥାନରେ ଥିଲା । ୩୦୩ ସାଂସଦରୁ ଓଡିଶାରେ ୮ ଜଣ ସାଂସଦ ରହିଛନ୍ତି । ବହୁ ବର୍ଷ ଶାସନ କରିଥିବା କଂଗ୍ରେସକୁ ଜନତା ପ୍ରତ୍ୟାଖାନ କରିଛନ୍ତି । ମୁଖ୍ୟ ବିରୋଧୀ ଦଳରୁ ଜନତା ସେମାନଙ୍କୁ ହଟାଇ ତାଙ୍କ ସ୍ଥାନରେ ବିଜେପିକୁ ପ୍ରମୁଖ ବିରୋଧୀ ଦଳର ସ୍ଥାନ ଦେଇଛନ୍ତି । ମାତ୍ର ଆଉ ଗୋଟିଏ କୁଦରେ ଓଡିଶାରେ ଭାରତୀୟ ଜନତା ପାର୍ଟିର ସରକାର ହେବ ବୋଲି ଜନତା ମଇଦାନ ଠାରେ ଆୟୋଜିତ ବିଶାଳ ଜନ ସମାବେଶରେ ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି ଯେ, ଓଡିଶାର ବିକାଶ ପାଇଁ ୫ ବର୍ଷରେ ନରେନ୍ଦ୍ର ମୋଦି ସରକାର ଯେଉଁ କାମ କରିଛନ୍ତି ଯାହା ୫୫ ବର୍ଷରେ କଂଗ୍ରେସ କରିପାରିନାହିଁ । ମୋଦି ସରକାର ବିଗତ ୫ ବର୍ଷରେ ଓଡିଶାର ସମସ୍ତ ଜାତି, ଜିଲ୍ଲା , କ୍ଷେତ୍ର ପାଇଁ ବିକାଶର ରାସ୍ତା ଖୋଲିଛନ୍ତି । ଡିଏମଏଫ, କୃଷି ଋଣରେ ବୃଦ୍ଧି, ରେଳ



ପ୍ରକଳ୍ପରେ ଅନୁଦାନ ବୃଦ୍ଧି, ରାସ୍ତା ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜଳା ଯୋଜନା ମାଧ୍ୟମରେ ୪୭ ଲକ୍ଷ ୫୦ ହଜାର ଘରକୁ ଗ୍ୟାସ ବଣ୍ଟନ, ସୌଭାଗ୍ୟ ଯୋଜନାରେ ୨୦ ହଜାର ଗାଁରେ ପ୍ରଥମ ଥର ପାଇଁ ବିଜୁଳୀ ସଂଯୋଗ କରିବା, ୮ ଲକ୍ଷ ୯୬ ହଜାର ଘରେ ବିଜୁଳି ଯୋଗାଇବା, ଗରୀବ ପରିବାର ପାଇଁ ଜନ ଔଷଧୀ କେନ୍ଦ୍ର, ପେଟ୍ରୋଲିୟମ ସେକ୍ଟରରେ ଅଧିକା ବିନିଯୋଗ, ଭଦ୍ରକରେ ଟେକ୍ସଟାଇଲ ପାର୍କ, ଏସି ଏସଟି ଏବଂ ଓବିସି ବର୍ଗଙ୍କ ପାଇଁ ବଜେଟରେ ଅଧିକା ଅନୁଦାନ, ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଅଧିନିୟମରେ ୩ କୋଟି ୨୪ ଲକ୍ଷ ଲୋକଙ୍କୁ ଶସ୍ତାରେ ଖାଦ୍ୟ ଯୋଗାଇବା, ପାଇକ ସ୍ମାରକ, ୪୧ ଲକ୍ଷ ଲୋକଙ୍କୁ ମୁଦ୍ରା ଲୋନ ଯୋଗାଇବ ଆଦି ଅନେକ କାର୍ଯ୍ୟ କରାଯାଇଛି । ୨୦୧୪ ପୂର୍ବରୁ ୧୦ ବର୍ଷ ଧରି ସୋନିଆ ଏବଂ ମନମୋହନଙ୍କ କଂଗ୍ରେସ ସରକାର ଚାଲିଥିଲା । ୧୩ ତମ ଆର୍ଥୀକ ବର୍ଷରେ କଂଗ୍ରେସ ସରକାର ଓଡିଶାକୁ ୭୯ ହଜାର କୋଟି ପ୍ରଦାନ କରିଥିଲା । କିନ୍ତୁ ମୋଦି ସରକାର ୫ ବର୍ଷ ଭିତରେ ଅର୍ଥାତ୍ ୨୦୧୪-୧୯ ମଧ୍ୟରେ ଓଡିଶାକୁ ୨ ଲକ୍ଷ ୧୧ ହଜାର ୫୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହା ସହ ଅନ୍ୟ ଯୋଜନା ମାଧ୍ୟମରେ ୩ ଲକ୍ଷ କୋଟି ପ୍ରଦାନ କରିଛନ୍ତି । ଓଡିଶାର ବିକାଶ ପାଇଁ ବିଜେପି କିପରି ସଂକଳ୍ପ ବଦ୍ଧ ତାହା ଏହି ଅନୁଦାନରୁ ସ୍ପଷ୍ଟ ହେଉଛି । ଆଗାମୀ ୫ ବର୍ଷରେ ପୂର୍ବାଚଂଳର ତଥା ବିଶେଷ କରି ଓଡିଶାର ବିକାଶ ଦିଗରେ ଅନେକ କାର୍ଯ୍ୟ କରାଯିବ । ଗୁଜୁରାଟର ଯେପରି ବିକାଶ ହୋଇଛି ଠିକ୍ ସେହିପରି ଖଣିଜ ସଂପଦରେ ପରିପୂର୍ଣ୍ଣ ଥିବା ଏହି ଓଡିଶାର ସମସ୍ତ ଗାଁ, ଘର ଏବଂ ବ୍ୟକ୍ତିର ବିକାଶ କରିବାର ଦାୟୀତ୍ୱ ନରେନ୍ଦ୍ର ମୋଦୀ ସରକାର ନେଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ମୋଦୀ ସରକାର ଦ୍ୱିତୀୟ ପାଳିରେ ଦେଶର ସମସ୍ତଙ୍କ ଘରେ ନଳ ଯୋଗେ ସ୍ୱଚ୍ଛ ଜଳ ପହଞ୍ଚାଇବାର ➤ ପୃ-୬

# ରେକର୍ଡ ଟପିବ ତାପମାତ୍ରା

**ଭୁବନେଶ୍ୱର :** ଏବର୍ଷ ଆହୁରି ତାଉ ଦେଖାଇବ ତାତି । ପ୍ରଚଣ୍ଡ ଉତ୍ତପ୍ତ ବର୍ଷ ହେବ ୨୦୨୦ । ଆକାଶରୁ ଖସିବ ନିଆଁ ଝୁଲ । ତତଲା କଡେଇରେ ଭାଜି ହେବ ଓଡ଼ିଶା ସମେତ ଦେଶର କୋର ହିଟ୍ ୱେଭ୍ ଜୋନରେ ଆସୁଥିବା ବିଭିନ୍ନ ରାଜ୍ୟ । ମାର୍ଚ୍ଚ, ଏପ୍ରିଲ ଓ ମେ' ମାସରେ ପୂର୍ବରୁ ଯେତେ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି ତାକୁ ବି ଟପିଯିବ ଏ ବର୍ଷର ତାତି । ଏଭଳି ଆକଳନ କରିଛନ୍ତି ଉଭୟ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରାଳୟ



ଓ ଭାରତୀୟ ପାଣିପାଗ ବିଭାଗ । ପୂର୍ବାନୁମାନ ଅନୁସାରେ କୋର ହିଟ୍ ୱେଭ୍ ଜୋନରେ ଆସୁଥିବା ରାଜ୍ୟ ଗୁଡିକ ହେଲା ରାଜସ୍ଥାନ, ଦିଲ୍ଲୀ, ହରିୟାଣା, ଛତିଶଗଡ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ, ଉତ୍ତର ପ୍ରଦେଶ, ଗୋଆ ଏବଂ ଓଡ଼ିଶା । ଏହିସବୁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ଗତଥର ଅପେକ୍ଷା ଏବର୍ଷ ଆହୁରି ଦଶମିକ ୫ରୁ ୧ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ । ଯଦି ଆକଳନ ସତ ହେବ ତାହେଲେ ଏବର୍ଷ ବି ନିଆଁ ସଦୃଶ ରୌଦ୍ରତାପରେ ସିଝିବ ପଶ୍ଚିମ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶା । ମୁଣ୍ଡଫଟା ଖରା ସଙ୍ଗକୁ ଅସମ୍ଭାଳ ଗୁଳୁଗୁଳିରେ ଛଟପଟ ହେବ ଉପକୂଳ ଓଡ଼ିଶା । ୨୦୦୩ ମସିହା ଜୁନ୍ ୩ରେ ଓଡ଼ିଶାର ଟିଟିଲାଗଡ଼ ଓ ୨୦୧୯ ଜୁନ୍ ପହିଲାରେ ରାଜସ୍ଥନର ଚାରୁ ୫୦ ଡିଗ୍ରୀ ତାପମତ୍ରା ସହ ତାତିରେ କରିଥିଲେ ରେକର୍ଡ ବ୍ରେକ୍ । ସେହିଭଳି ଗତମର୍ଷ ମେ' ମାସ ୨୬ରେ ମଧ ଟିଟିଲାଗଡ ୪୬.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଥିଲା । ➤ ପୃ-୬

# ଧାନ ନେଇ ଚାଉଳ ଦେଇନାହାନ୍ତି ୯୨ ମିଲର



**ଭୁବନେଶ୍ୱର :** କଟ୍‌ନୀ, ଛଟ୍‌ନୀ ନାମରେ ଚାଷୀଙ୍କୁ ଲୁଟୁଛନ୍ତି ମିଲର । ଏହି ଅଭିଯୋଗକୁ ନେଇ ବିରୋଧୀ ଚଳିତ ବିଧାନସଭାରେ ବେଶ୍ ହୋ ହାଲ୍ଲା କରୁଥିବା ବେଳେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଉପସ୍ଥାପନ କରିଛନ୍ତି । ମିଲରମାନେ ଚାଷୀଙ୍କୁ ଶୋଷୁଥିବା ବେଳେ ସରକାରଙ୍କୁ ମଧ ଛାଡ଼ିନାହାନ୍ତି ବୋଲି ସେ ଆରୋପ କରିଛନ୍ତି । ୨୦୦୯-୧୦ରୁ ୨୦୧୬-୧୭ ମଧ୍ୟରେ ମିଲରମାନେ ସରକାରଙ୍କୁ ୧୪୨ କୋଟି ୫୧ ଲକ୍ଷ ୪୧ ହଜାର ୭୭୫ ଟଙ୍କା ଠକିଛନ୍ତି । ଓଡ଼ିଶା ରାଜ୍ୟ ଯୋଗାଣ ନିଗମଠାରୁ ୯୨ ଜଣ ମିଲର କଷ୍ଟମ ମିଲିଂ ପାଇଁ ଧାନ ନେଇଥିବା ବେଳେ ବଦଳରେ ଆଉ ଚାଉଳ ଫେରାଇ ନାହାନ୍ତି । ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି । ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ରାଜ୍ୟର ୧୯ଟି ଜିଲ୍ଲାର ୯୨ ଜଣ ମିଲର ସରକାରଙ୍କଠାରୁ ଧାନ ନେଇ ବଦଳରେ ଆଉ ଚାଉଳ ଦେଇନାହାନ୍ତି । ୧୯ଟି ଜିଲ୍ଲା ମଧ୍ୟରୁ କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୧୯ ଜଣ ମିଲର ସରକାରଙ୍କୁ ୨୬ କୋଟି ୨୧ ଲକ୍ଷ ୨୯ ହଜାର ୫୩୫ ଟଙ୍କା ଠକିଛନ୍ତି । ନୂଆପଡ଼ା ଜିଲ୍ଲାରେ ୬ ଜଣ ମିଲର ୧୭ କୋଟି ୩୪ ଲକ୍ଷ ୧୯ ହଜାର ୯୦୦ ଟଙ୍କା ଠକିଛନ୍ତି । ସେହିଭଳି ନବରଙ୍ଗପୁର ଜିଲ୍ଲାରେ ୩ ଜଣ ମିଲର ୧ କୋଟି ୩୭ ଲକ୍ଷ ୮୦ ହଜାର ୧୦୪ ଟଙ୍କାର ଧାନ ନେଇ ଆଉ ଚାଉଳ ଫେରାଇନଥିବା ବେଳେ କୋରାପୁଟରେ ୨ ଜଣ ମିଲର ୧ କୋଟି ୫୯ ଲକ୍ଷ ୨୧ ହଜାର ୬୮୪ ଟଙ୍କାର ଚାଉଳ ଦେଉନାହାନ୍ତି । ଖୋର୍ଦ୍ଧାରେ ୩ ଜଣ ମିଲର ୫ କୋଟି ୯ ଲକ୍ଷ ୧୪ ହଜାର ୫୯୬ ଟଙ୍କା, କେନ୍ଦ୍ରାପଡ଼ାରେ ୨ ଜଣ ମିଲର ୭୯ ଲକ୍ଷ ୨୩ ହଜାର ୨୨୦ ଟଙ୍କା, ବାଲେଶ୍ୱରରେ ୮ ଜଣ ମିଲର ୧୯ କୋଟି ୫୩ ଲକ୍ଷ ୯୦ ହଜାର ୩୧୨ ଟଙ୍କା, ବରଗଡ଼ରେ ୪ ଜଣ ମିଲର ୬ କୋଟି ୮୫ ଲକ୍ଷ ୮୭ ହଜାର ୫୧୭ ଟଙ୍କା ଠକିଛନ୍ତି । ସେହିପରି ଭଦ୍ରକରେ ୪ ଜଣ ମିଲର ୭ କୋଟି ୪୨ ଲକ୍ଷ ୪୫ ହଜାର ୮୯୪ ଟଙ୍କାର ଧାନ ➤ ପୃ-୬

## ବକ୍ରବାଣୀ



ବଡ ନୁକ ସବୁ ଏକାଠି ମିଶି
ଗୋଟିଏ ଟେବୁଲରେ ଖା'ନ୍ତି ବସି
ମିଳି ମିଶି ଭାଗ ବାଣ୍ଟି ନିଅନ୍ତି
ଗରୀବ ରକତେ ହୋଲି ଖେଳନ୍ତି
ପୋଡା ଟ୍ରାନ୍ସଫର୍ମର ତେଲରେ
ମାଲିସ୍ ହୁଅନ୍ତି ବଡ ଗେହ୍ଲରେ
ଚାକର ଭକତ ବୁଝନ୍ତି ନାହିଁ
ରକତ ବୁହାନ୍ତି ନେତାଙ୍କ ପାଇଁ
ଭାଇ ସାଥେ ଭାଇ କରଇ କଳି
ଦଳ ପାଇଁ ସବୁ ଦିଅଇ ବଳି ।

—— ଟୁଟୁ

## ଓକିଲଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ : ବିଏମ୍‌ସି କମିଶନରଙ୍କ ବିରୋଧରେ କୋର୍ଟରେ ମାମଲା

**ଭୁବନେଶ୍ୱର :** ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ସର୍ବସାଧାରଣ ସ୍ଥାନରେ ଓକିଲଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିବା ନେଇ ଏସ୍‌ଡିଜେଏମ୍ କୋର୍ଟରେ ଜଣେ ବରିଷ୍ଠ ଓକିଲ ମାମଲା ଦାଏର କରିଛନ୍ତି । ଏନେଇ ଅଭିଯୋଗକାରୀ ଓକିଲଙ୍କ ବୟାନ ରେକର୍ଡ କରାଯାଇଛି । ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଓକିଲ ତଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ସବ୍‌ରେଜିଷ୍ଟ୍ରାର ଅଫିସ ନିକଟ ଏକ ଚା' ଦୋକାନରେ ଗତ ଗୁରୁବାର ସେ ଓ ୧୫ ରୁ ୨୦ଜଣ ଓକିଲ ଛିଡା ହୋଇଥିଲେ । ସେହି ସମୟରେ ବିଏମ୍‌ସି କମିଶନର ଉଚ୍ଛେଦକାରୀ ଦଳ ସହ ସେଠାରେ ପହଞ୍ଚି କାହିଁକି ଛିଡା ହୋଇ ଚା' ପିଉଛ ବୋଲି କହିବା ସହ ଓକିଲମାନଙ୍କୁ ଦୁର୍ବ୍ୟବହାର କରିଥିବା ସମ୍ପୃକ୍ତ ଓକିଲ ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ଏହାକୁ ନେଇ ସେତେବେଳେ ଘଟଣା ସ୍ଥଳରେ ମୁହାଁମୁହିଁ ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା । ଅନ୍ୟପକ୍ଷରେ ବିଏମ୍‌ସି କମିଶନର ଶ୍ରୀ ଚୌଧୁରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ପ୍ରତିଦିନ ରାଜଧାନୀର ବିଭିନ୍ନ ସ୍ଥାନରେ ଉଚ୍ଛେଦ କରାଯାଉଛି । ସେଠାରେ ଲୋକେ ବିରୋଧ କରିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ସବ୍‌ରେଜିଷ୍ଟ୍ରାର ଅଫିସ ନିକଟରେ ଉଚ୍ଛେଦ ଟିମ୍‌କୁ ମଧ୍ୟ କିଛି ଲୋକ ବିରୋଧ କରିଥିଲେ । ଏହା ଆଇନଗତ ଦୃଷ୍ଟିରୁ ଉଚିତ୍ ନୁହେଁ ବୋଲି କହିଛନ୍ତି ବିଏମ୍‌ସି କମିଶନର ।

ଉଲ୍ଲେଖଯୋଗ୍ୟ, ରାଜଧାନୀକୁ ସବୁଜ ସୁନ୍ଦର କରି ଗଢ଼ିତୋଳିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ସଫେଇ ବାଲା କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରାଯାଉଥିଲେ ବି ଲୋକ ସଚେତନ ହେଉନାହାନ୍ତି । ଯାହାଫଳରେ ସହରର ବିଭିନ୍ନ ରାସ୍ତାଘାଟରେ ଆର୍ବଜନା ପଡିବା ସହ ସହର ଦୂଷିତ ହୋଇଯାଉଛି । ଖାଲି ସେତିକି ନୁହେଁ, ରାସ୍ତାକଡକୁ ଉଠା ବ୍ୟବସାୟୀମାନେ ଦଖଲ କରିନେବା ଫଳରେ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣା ଘଟୁଛି । ଏହାକୁ ନଜରରେ ରଖି ଗତ ଗୁରୁବାର ହଠାତ୍ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ଓ ଅନ୍ୟ ଅଧିକାରୀମାନେ କଳ୍ପନା ଛକ, ରବି ଟକିଜ୍ ଛକ ଓ ମାଉସୀ ମା' ଛକ ଚଢ଼ଉ କରିଥିଲେ । ରବି ଟକିଜ୍ ଛକରୁ ଚାଲି ଚାଲି କମିଶନର ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀ ଯେଉଁ ଆବର୍ଜନା ଗଦାଇଥିଲେ ଓ ଡଷ୍ଟବିନ୍ ରଖିନଥିଲେ ସେମାନଙ୍କ ଠାରୁ ଅନ୍ ଦ ସ୍ପଟ୍ ଜରିମାନା ଆଦାୟ କରିଥିଲେ । ରାଜଧାନୀ ରାସ୍ତାରେ ପରିମଳ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିବା ସହିତ ବିଏମ୍‌ସି କମିଶନର ଯେଉଁସବୁ ସ୍ଥାନରେ ଜବରଦଖଲ ଥିଲା ତାହାକୁ ସଙ୍ଗେ ସଙ୍ଗେ ହଟାଇ ଦେଇଛନ୍ତି । ସୂଚନାଥାଉ କି, ଭୁବନେଶ୍ୱର ବାର ଆସୋସିଏସନର ସାଧାରଣ ପରିଷଦ ବୈଠକ ଥିଲା । ଗତ ଗୁରୁବାର ପୂର୍ବାହ୍ନ ପ୍ରାୟ ୯ଟାରେ ସବରେଜିଷ୍ଟ୍ରାର ଅଫିସ ନିକଟରେ ଥିବା ଚା' ଦୋକାନରେ ୧୫ରୁ ୨୦ଜଣ ଓକିଲ ଚା' ପିଇବା ସହ ବିଭିନ୍ନ ବିଷୟରେ ଆଲୋଚନା କରୁଥିଲେ । ସେହି ସମୟରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ଓ ଉଚ୍ଛେଦକାରୀ ଦଳ ସେଠାରେ ପହଞ୍ଚିଥିଲେ । କୋର୍ଟର ନୂତନ ବିଲ୍ଡିଂ କାମ ଚାଲୁଥିବାରୁ ସବରେଜିଷ୍ଟ୍ରାର ଅଫିସ ନିକଟରେ ଅସମ୍ଭାଳ ଭିଡ ହେଉଛି । ଉଚ୍ଛେଦ ଟିମ୍ ସହ ଯାଇଥିବା ବିଏମ୍‌ସି କମିଶନର ଶ୍ରୀ ଚୌଧୁରୀ ଚା' ଦୋକାନ ପାଖରେ ଥିବା ଓକିଲମାନଙ୍କୁ ସେଠାରୁ ଚାଲି ଯିବାକୁ କହିଥିଲେ । ଓକିଲ ଏହାର ପ୍ରତିବାଦ କରିବା ସହ ସେମାନେ ଚା' ପିଉଥିବା କହିଥିଲେ । ଏହାକୁ ନେଇ ସେମାନଙ୍କ ଭିତରେ ବଚସା ହୋଇଥିଲା । ତେଣୁ କମିଶନର ଶ୍ରୀ ଚୌଧୁରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ କରାଯିବା ସହିତ କୋର୍ଟରେ ମାମଲା ରୁଜୁ ହୋଇଛି ।




# ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ ଲାଗି ନିବେଶ କରିବ ଜାପାନ

**ଭୁବନେଶ୍ୱର :** ଗତ ଗୁରବାର ଲୋକସେବା ଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ବୈଠକରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଜାପାନ ରାଷ୍ଟ୍ରଦୂତ ସତୋଷୀ ସୁଜିକି ଉପସ୍ଥିତ ଥିଲେ । ଏହି ଅବସରରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍- ୨୦୨୦ରେ କଣ୍ଟ୍ରି ପାର୍ଟନର ହେବାକୁ ଜାପାନକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଜାପାନର ରାଷ୍ଟ୍ରଦୂତ ସୁଜିକିଙ୍କୁ ଏହା ଉପରେ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶା ଏବଂ ଜାପାନ୍ ମଧ୍ୟରେ ସହଯୋଗିତା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ ଓଡ଼ିଶାର ଇସ୍ପାତ୍, ଡାଉନ୍‌ଷ୍ଟ୍ରିମ୍ ଶିଳ୍ପରେ ଜାପାନୀ ପୁଞ୍ଜି ନିବେଶ ଏବଂ



ଇସ୍ପାତ୍ କ୍ଲଷ୍ଟରର ବିକାଶ ଉପରେ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶା ଆଜି ଭାରତରେ ସର୍ବବୃହତ୍ ଇସ୍ପାତ୍ ଉତ୍ପାଦନକାରୀ ରାଜ୍ୟ ଭାବେ ପରିଚିତ । ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଏବଂ ଆନୁସଙ୍ଗିକ କ୍ଷେତ୍ରରେ ରାଜ୍ୟ ବ୍ୟାପକ ସୁଯୋଗ ପ୍ରଦାନ କରୁଛି । ଇସ୍ପାତ୍‌ରେ ମୂଲ୍ୟଯୁକ୍ତକୁ ଉତ୍ସାହିତ କରିବା ଉପରେ ରାଜ୍ୟ ସରକାର ଏବେ ଗୁରୁତ୍ୱ ଦେଉଛନ୍ତି । ୨୦୩୦ ସୁଦ୍ଧା ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପାଖାପାଖି ୫୦ ପ୍ରତିଶତ ମୂଲ୍ୟଯୁକ୍ତ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ଅଟୋମୋବାଇଲ୍, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ ଏବଂ ପେଟ୍ରୋ କେମିକାଲ୍ ଭଳି କ୍ଷେତ୍ରରେ ଜାପାନ ନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ଏହାସହ ଭୁବନେଶ୍ୱର ନିକଟରେ ଏକ ଜାପାନ୍ ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର ଏବଂ ଟାଉନ୍‌ସିପ୍ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଅଫର୍ ଦେଇଥିଲେ । ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ବୃଷ** ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ରହିଛି। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ଜମିଜମା ବିବାଦର ସମାଧାନ ହେବ।

**ମିଥୁନ** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ।

**କର୍କଟ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ।

**ସିଂହ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**କନ୍ୟା** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇପବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ।

**ତୁଳା** ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛି ମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟରେ ଅଧିକ ଲାଭ ହେବ।

**ବିଛା** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବ୍ୟବସାୟରେ ସଫଳତା ପାଇବେ।

**ଧନୁ** ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଚାକରି କ୍ଷେତ୍ରର ଲାଗିଥିବା ବିବାଦ ସମାଧାନ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପ୍ରାପ୍ତ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର** ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘଦିନରୁ ଲାଗି ରହିଥିବା ବିବାଦ ଦୂରହେବ। ସମସ୍ୟାର ସମାଧାନ ଘଟିବ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଜମିଜମା ବିବାଦ ଲାଗିରହିବ।

**କୁମ୍ଭ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମୀନ** ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଜାପାନ ଓ ଉହାନରୁ ୨୩୬ ଭାରତୀୟ ଉଦ୍ଧାର : ଡ. ହର୍ଷବର୍ଦ୍ଧନ

**ନୂଆଦିଲ୍ଲୀ:** ୧୧୯ ଜଣ ଭାରତୀୟ ନାଗରିକ ଓ ଶ୍ରୀଲଙ୍କା, ନେପାଳ, ଦକ୍ଷିଣ ଆଫ୍ରିକା ଓ ପେରୁରୁ ଜଣେ ଜଣେ କରି ଏହି ପରି ମୋଟ ୧୨୪ ଜଣଙ୍କୁ ଭାରତୀୟ ବିମାନ ଏୟାର ଇଣ୍ଡିଆ ଜାପାନରୁ ଉଦ୍ଧାର କରିଛି। କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣ ଆଶଙ୍କାରେ ସେମାନଙ୍କୁ ଜାପାନର ୟାକୋହାମ୍ମାଠାରେ ଡାଇମଣ୍ଡ ପ୍ରିନସେନ୍ସ ନାମକ ଯାତ୍ରୀବାହୀ ଜାହାଜରେ ଅଟକ ରଖାଯାଇଥିଲା। ଏହା ବ୍ୟତୀତ କରୋନା ସଂକ୍ରମଣର ଉଦ୍ରେକ ସ୍ଥଳୀ କୁହାଯାଉଥିବା ଚୀନର ଉହାନରୁ ମଧ୍ୟ ଭାରତୀୟ ବାୟୁସେନାର ଏକ ବିମାନ ୧୧୨ ଜଣଙ୍କୁ ଉଦ୍ଧାର କରିଛି। ଏଥିରେ ୭୬ ଜଣ ଭାରତୀୟ ନାଗରିକ ବାଂଲାଦେଶ, ମିଆଁମାର, ମାଲଦ୍ୱୀପ, ଚୀନ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ମାଡାଗାସ୍କରର ୩୬ ଜଣ ଅନ୍ତର୍ଭୁକ୍ତ। ଏମାନେ ଆଜି ଭାରତରେ ପହଂଚିଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି। ଜାପାନରୁ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ମନସେର ସେନା ଶିବିର ଓ ଉହାନରୁ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ଛାୱ୍ଲାଠାରେ ଥିବା ଆଇଟିବିପି ସେବା କେନ୍ଦ୍ରରେ ପ୍ରଥମେ ରଖାଯିବ ବୋଲି ଡ. ହର୍ଷବର୍ଦ୍ଧନ କହିଛନ୍ତି। ଡାଇମଣ୍ଡ ପ୍ରିନସେନ୍ସ ଜଳ ଜାହାଜରେ ଥିବା ୧୩୮ ଜଣ ଭାରତୀୟ ନାଗରିକମାନଙ୍କ ମଧ୍ୟରୁ ୧୨୨ଜଣଙ୍କୁ ପରୀକ୍ଷା କରାଯାଇ ୧୧୯ ଜଣଙ୍କ ଠାରେ ଭୂତାଣୁ ନେଗେଟିଭ ବାହାରିଥିଲା। ସେମାନଙ୍କୁ ଭାରତକୁ ଅଣାଯାଇଥିବା ବେଳେ ୩ ଜଣ ଭାରତୀୟ ନାଗରିକ ଫେରିବାକୁ ମନା କରିଦେଇଥିଲେ। ବାକି ୧୬ ଜଣଙ୍କୁ ଜାପାନର ହସ୍ପିଟାଲରେ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି। ଚୀନର ଲୋକମାନଙ୍କର ଏପରି ଦୁଃସ୍ଥିତିକୁ ଉପଲବ୍ଧି କରି ଭାରତ ସରକାର ଉହାନକୁ ୧୫ଟନ ମେଡିକାଲ ରିଲିଫ ପଠାଇଛନ୍ତି। ଆମର ସୈନ୍ୟବାହିନୀ, ଆମର ଡାକ୍ତର, ଏୟାର ଇଣ୍ଡିଆ, ଚୀନ ଓ ଜାପାନରେ ଥିବା ଆମର ଦୂତାବାସ ଏବଂ ଅନେକ ଅଜଣା ବ୍ୟକ୍ତି ଯେଉଁମାନେ କି ଏ ଦିଗରେ ସହାୟତା ହାତ ବଢ଼ାଇଛନ୍ତି, ସେମାନଙ୍କୁ ମୁଁ ହୃଦୟର ଗଭୀର କୃତଜ୍ଞତା ଜଣାଉଛି ବୋଲି ଡ. ହର୍ଷବର୍ଦ୍ଧନ କହିଛନ୍ତି। ଭାରତ ଓ ଭାରତୀୟ ମାନଙ୍କୁ ସମସ୍ତେ ପ୍ରାଥମିକତା ଦେଇଛନ୍ତି। ପ୍ରତ୍ୟେକ ଏ ଦିଗରେ ଉତ୍ସର୍ଗୀକୃତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରିଥିବା ସମସ୍ତ ସଂସ୍ଥାକୁ ସେ ପ୍ରଣାମ ଜଣାଇଛନ୍ତି। ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ନିର୍ଦ୍ଦେଶନ ସ୍ୱରୂପ ଭାରତ ଅନ୍ୟାନ୍ୟ ଦେଶର ନାଗରିକମାନଙ୍କୁ ନିଜ ଦେଶର ନାଗରିକଙ୍କ ସହ ଜାପାନ ଓ ଉହାନରୁ ଉଦ୍ଧାର କରିଛି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ବିଶ୍ୱବ୍ୟାପୀ କରୋନା ଭୂତାଣୁର ବ୍ୟାପକତା ଦୃଷ୍ଟିରୁ ପୂର୍ବରୁ ଦିଆଯାଇଥିବା ଉପଦେଶ ଭଳି ଭାରତୀୟମାନଙ୍କୁ ନିହାତି ଦରକାର ନଥିଲେ ସିଙ୍ଗାପୁର, କୋରିଆ ସାଧାରଣତନ୍ତ୍ର ଓ ଇଟାଲୀକୁ ନଯିବା ପାଇଁ ଅତିରିକ୍ତ ନିୟମାବଳୀ ଜାରି କରାଯାଇଛି। ଏହାଛଡ଼ା ୧୦ ଫେବୃଆରୀ ପରେ ବିଭିନ୍ନ ସ୍ଥାନରେ ଭ୍ରମଣରେ ଯାଇ କୋରିଆ ସାଧାରଣତନ୍ତ୍ର, ଇରାନ ଓ ଇଟାଲୀରୁ ଭାରତକୁ ଆସୁଥିବା ବ୍ୟକ୍ତିମାନଙ୍କୁ ୧୪ ଦିନ ପାଇଁ ସମସ୍ତଙ୍କଠାରୁ ଅଲଗା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଡ. ହର୍ଷବର୍ଦ୍ଧନ କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ତାଠାରୁ ଉପରିସ୍ଥ ଅଧିକାରମାନେ ବିଭିନ୍ନ ରାଜ୍ୟ ଗସ୍ତକରି କରୋନା ଭୂତାଣୁ ସଂକ୍ରମଣ ନେଇ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ବୁଝୁଛନ୍ତି। ଆବଶ୍ୟକ ହେଲେ ଏହି ଗସ୍ତ ଦ୍ୱାରା ସମ୍ପୃକ୍ତ ରାଜ୍ୟଗୁଡିକ ସେମାନଙ୍କର ସମ୍ଭାବ୍ୟ ଆବଶ୍ୟକତା ସମ୍ପର୍କରେ ଜଣାଇବା ସହ ରାଜ୍ୟର ଯାଞ୍ଚ ସଂସ୍ଥାଗୁଡିକ ମଧ୍ୟ ମଜବୁତ ହେବେ। ଆସନ୍ତା ମାସ ୨ ତାରିଖ ସୁଦ୍ଧା ଏକ ସୂଚୀ ପୂରଣ କରି ରିପୋର୍ଟ ଦେବା ପାଇଁ ସେମାନଙ୍କୁ କୁହାଯାଇଛି। ଏ ପର୍ଯ୍ୟନ୍ତ ୪୭୮୭ଟି ବିମାନର ୪,୮୨,୯୨୭ ଜଣ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ୨୧ଟି ବିମାନ ବନ୍ଦର, ୧୨ଟି ପ୍ରମୁଖ ଜଳଜାହାଜ ବନ୍ଦର, ୬୫ଟି କ୍ଷୁଦ୍ର ଜଳ ବନ୍ଦର ଏବଂ ନେପାଳ ସୀମାକୁ ଲାଗିଥିବା ଅଂଚଳ ଗୁଡିକରେ ନିୟମିତ ଯାଞ୍ଚ କରାଯାଉଛି। ଆଇଡିଏସପି ନେଟୱର୍କ ଜରିଆରେ ଯାତ୍ରୀମାନଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଯାଂଚ କରାଯାଉଛି। ଆଇଡିଏସପି ଜରିଆରେ ବର୍ତ୍ତମାନ ୨୩,୫୩୧ ଜଣ ଯାତ୍ରୀଙ୍କୁ ଗୋଷ୍ଠୀ ସେବା ଯାଞ୍ଚ ଅଧିନରେ ରଖାଯାଇଛି। ପରୀକ୍ଷା ପାଇଁ ପଠାଯାଇଥିବା ୨୮୩୬ଟି ନମୂନା ମଧ୍ୟରୁ ୨୮୩୦ଟି ନମୂନା ନେଗେଟିଭ ହୋଇଥିବା ବେଳେ କେରଳରେ କେବଳ ୩ଟି ନମୂନା ପଜିଟିଭ ବାହାରିଥିଲା। ତେବେ ସେମାନେ ସମସ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଛୁଟି ପାରିସାରିଛନ୍ତି। ୩ ଜଣଙ୍କର ନମୂନା ପରୀକ୍ଷା ଚାଲିଛି। ମନସେର ଓ ଛାୱ୍ଲାରେ ଅଲଗା ଭାବେ ରଖାଯାଇଥିବା ୬୪୫ ଜଣ ଉଦ୍ଧାର ପାଇଥିବା ବ୍ୟକ୍ତିଙ୍କୁ ଫେବୃଆରୀ ୧୮ ତାରିଖ ଦିନ ଡିସଚାର୍ଜ କରାଯାଇଛି।

## ଭାରତ-ମ୍ୟାଁମାର ମଧ୍ୟରେ ୧୦ ରାଜିନାମା



**ନୂଆଦିଲ୍ଲୀ :** ଭାରତ ଓ ମ୍ୟାଁମାର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ଲାଗି ଗୁରୁବାର ୧୦ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ବିଶେଷକରି ଭିତ୍ତିଭୂମି ବିକାଶ, ଶକ୍ତି, ଯୋଗାଯୋଗ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଏହି ରାଜିନାମା କରାଯାଇଛି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ମ୍ୟାଁମାର ରାଷ୍ଟ୍ରପତି ୟୁ ୱିନ୍ ମିଣ୍ଟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବାପରେ ରାଜିନାମା ସ୍ୱାକ୍ଷରିତ ହୋଇଛି। ରାଷ୍ଟ୍ରପତି ମିଣ୍ଟ ମ୍ୟାଁମାର ଫାଷ୍ଟ ଲେଡି ଡ ଚୋ ଚୋଙ୍କ ସହ ଗତ ବୁଧବାର ନୂଆଦିଲ୍ଲୀରେ ପହଞ୍ଚିଥିଲେ। ମ୍ୟାଁମାର ରାଷ୍ଟ୍ରପତିଙ୍କୁ ଗୁରୁବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ସେ ମଧ୍ୟ ରାଜଘାଟ ଯାଇ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଇତିମଧ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ମ୍ୟାଁମାର ରାଷ୍ଟ୍ରପତିଙ୍କୁ ଭେଟି ଆଲୋଚନା କରିଛନ୍ତି। ମ୍ୟାଁମାର ସହ ଭାରତର ଧର୍ମୀୟ, ଭାଷାଗତ ଓ ଜାତିଗତ ସମ୍ପର୍କ ରହିଛି। ଏହି ପଡ଼ୋଶୀ ରାଷ୍ଟ୍ର ଦକ୍ଷିଣ-ପୂର୍ବ ଏସିଆ ପାଇଁ ଭାରତର ପ୍ରବେଶ ପଥ ରୂପେ ବିବେଚିତ ହୁଏ। ଭାରତ ତା'ର ପ୍ରାଚ୍ୟକୁ ଦୃଷ୍ଟି (ଲୁକ୍ ଇଷ୍ଟ) ଓ ପ୍ରଥମେ ପଡ଼ୋଶୀ ନୀତି ଅନୁଯାୟୀ ମ୍ୟାଁମାର ସହ ସହଯୋଗ ବୃଦ୍ଧି କରିବାକୁ ଚାହୁଁଛି। ଭାରତ ମ୍ୟାଁମାରର ପଞ୍ଚମ ବୃହତ୍ତମ ବ୍ୟବସାୟିକ ଅଂଶୀଦାର ଭାବେ ପରିଚିତ। ଦୁଇଦେଶ ମଧ୍ୟରେ ୨୦୧୮-୧୯ରେ ବ୍ୟବସାୟ କାରବାର ୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏବେ ସେହି ପରିମାଣ ୧୭୦ କୋଟି ଡଲାରରେ ପହଞ୍ଚିଛି। ମ୍ୟାଁମାର ରାଷ୍ଟ୍ରପତି ମିଣ୍ଟ ଏହି ଭାରତ ଗସ୍ତ ସମୟରେ ବୋଧଗୟା ଓ ଆଗ୍ରା ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଛି।

## ଆଇପିଜିଏଲ ଉପରୁ ଡିପିଇ ଗାଇଡଲାଇନ ଛାଡ଼ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ:** ସଂରକ୍ଷଣ ଏବଂ ସତର୍କତା ନୀତିକୁ ବାଦ ଦେଇ ଇଣ୍ଡିଆ ପୋର୍ଟସ ଗ୍ଲୋବାଲ ଲିଃ (ଆଇପିଜିଏଲ) ଉପରେ ଡିପିଇ ଗାଇଡଲାଇନ ଲାଗୁ ହେବ ନାହିଁ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଛନ୍ତି। କମ୍ପାନୀ ଆଇନ ୨୦୧୩ ଅନ୍ତର୍ଗତ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ବାହନ (ଏସପିଭି) ରୂପରେ ଆଇପିଜିଏଲର ଗଠନ କରାଯାଇଥିଲା। ଜବାହରଲାଲ ନେହରୁ ବନ୍ଦର ଟ୍ରଷ୍ଟ (ଜେଏନପିଟି) ଏବଂ ଦୀନଦୟାଲ ପୋର୍ଟ ଟ୍ରଷ୍ଟ (ଡିପିଟି) (ପୂର୍ବରୁ କାଣ୍ଡଲା ପୋର୍ଟ ଟ୍ରଷ୍ଟ ନାମରେ ପରିଚିତ) ଏହାର ପୃଷ୍ଠପୋଷକ ଥିଲେ। ଜାହଜ ଚଳାଚଳ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଇରାନର ଛାବାହର ସାହିଦ ବେହେସ୍ତି ବନ୍ଦରର ବିକାଶ ଏବଂ ପରିଚାଳନା ପାଇଁ ଆଇପିଜିଏଲର ଗଠନ କରାଯାଇଥିଲା। ଯୁଗ୍ମ ବିସ୍ତୃତ କାର୍ଯ୍ୟ ଯୋଜନା (ଜେସିପିଓଏ)ରୁ ଯୁକ୍ତରାଷ୍ଟ୍ର ଆମେରିକା ଓହରିଯିବା ପରେ ଆମେରିକୀୟ କଟକଣାର ସମ୍ଭାବ୍ୟ ପ୍ରଭାବରୁ ଜେଏନପିଟି ଓ ଡିପିଟିକୁ ସୁରକ୍ଷିତ ରଖିବା ଲାଗି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ୨୯ ଅକ୍ଟୋବର ୨୦୧୮ରେ ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପରାମର୍ଶ ଦିଆଯାଇଥିଲା। ଏହାକୁ ଆଧାର କରି କ୍ଷମତାସମ୍ପନ୍ନ ସମିତିର ଅନୁମୋଦନ କ୍ରମେ ଜେଏନପିଟି ଓ ଡିପିଟିର ସମସ୍ତ ଅଂଶଧନକୁ ୧୭ ଡିସେମ୍ବର, ୨୦୧୮ରେ "ସାଗରମାଳା ବିକାଶ କମ୍ପାନୀ ଲିଃ" (ଏସଡିସିଏଲ) କିଣି ନେଇଥିଲା। ଏସଡିସିଏଲ ଏକ କେନ୍ଦ୍ରୀୟ ରାଷ୍ଟ୍ରାୟତ କ୍ଷେତ୍ର ଉଦ୍ୟୋଗ (ସିପିଏସଇ) ହୋଇଥିବା ଦୃଷ୍ଟିରୁ ଏହାର ସହଯୋଗୀ ଭାବେ ଆଇପିଜିଏଲ ମଧ୍ୟ ଏହି ସିପିଏସଇରେ ପରିଣତ ହୋଇଯାଇଛି। ଯାହାର ଫଳସ୍ୱରୂପ, ପ୍ରାୟୋଗିକ ଦୃଷ୍ଟିରୁ ଡିପିଇର ଗାଇଡଲାଇନ ଆଇପିଜିଏଲ ଉପରେ ଲାଗୁ ହେଉଛି। ଛାବାହର ବନ୍ଦର ଦେଶର ପ୍ରଥମ ବିଦେଶୀ ବନ୍ଦର ପ୍ରକଳ୍ପ। ଏହାର ରଣନୈତିକ ଉଦ୍ଦେଶ୍ୟ ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ ଆଇପିଜିଏଲକୁ ୫ ବର୍ଷ ଲାଗି ଏକ ବୋର୍ଡ ଦ୍ୱାରା ପରିଚାଳିତ କମ୍ପାନୀ ଭାବେ ଚାଲୁ ରଖିବା ଜରୁରି। ଏହି ଆଧାରରେ, ପ୍ରକଳ୍ପର ସୁପରିଚାଳନା ନିମନ୍ତେ ଡିପିଇ ଗାଇଡଲାଇନ ପ୍ରୟୋଗରୁ ଆଇପିଜିଏଲକୁ ମୁକ୍ତ ରଖିବା ଲାଗି ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା।

## ୨୬ରେ ରାଜ୍ୟସଭା ନିର୍ବାଚନ



**ନୂଆଦିଲ୍ଲୀ, (ପିଆଇବି):** ଆସନ୍ତା ଏପ୍ରିଲ ୨୦୨୦ରେ ୧୭ ରାଜ୍ୟରୁ ନିର୍ବାଚିତ ହୋଇଥିବା ୫୫ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବ। ସେମାନଙ୍କ ଅବସର ପରେ ଖାଲି ହେବାକୁ ଥିବା ସାଂସଦ ପଦବୀ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୦୨, ୨୦୨୦ରେ ମହାରାଷ୍ଟ୍ରର-୭, ଓଡିଶାର-୪,

### ଓଡିଶାରେ ୪ ରାଜ୍ୟସଭା ପଦବୀ ପାଇଁ ହେବ ନିର୍ବାଚନ

### ଏପ୍ରିଲରେ ଅବସର ନେବେ ୫୫ ରାଜ୍ୟସଭା ସାଂସଦ

ତାମିଲନାଡୁର-୬, ପଶ୍ଚିମବଙ୍ଗର-୫ ରାଜ୍ୟସଭା ସାଂସଦ ଅବସର ଗ୍ରହଣ କରିବେ। ସେହିପରି ୦୯.୦୪.୨୦୨୦ରେ ଆନ୍ଧ୍ରପ୍ରଦେଶର-୪, ତେଲଙ୍ଗାନାର-୨, ଆସାମର-୩, ବିହାରର-୫, ଛତିଶଗଡର-୨, ଗୁଜରାଟର-୪, ହରିୟାଣାର-୨, ହିମାଚଳପ୍ରଦେଶର-୧, ଝାଡଖଣ୍ଡର-୨, ମଧ୍ୟପ୍ରଦେଶର-୩, ମଣିପୁରର-୧, ରାଜସ୍ଥାନର-୩ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବ। ସେହିପରି ୧୨.୦୪.୨୦୨୦ରେ ମେଘାଳୟର ଜଣେ ରାଜ୍ୟସଭା ସାଂସଦ ଅବସର ଗ୍ରହଣ କରିବେ। ଭାରତର ନିର୍ବାଚନ ଆୟୋଗ ନିଷ୍ପତି ନେଇଛନ୍ତି ଯେ, ଖାଲି ହେଉଥିବା ଉପରୋକ୍ତ ରାଜ୍ୟସଭା ପଦବୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଲାଗି ତାରିଖ ଘୋଷଣା କରାଯାଇଛି। ମାର୍ଚ୍ଚ ୦୬, ୨୦୨୦ରେ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୧୩, ୨୦୨୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହୋଇଥିବା ବେଳେ ମାର୍ଚ୍ଚ ୧୬, ୨୦୨୦ରେ ନାମାଙ୍କନପତ୍ର ଯାଂଚ କରାଯିବ। ସେହିପରି ମାର୍ଚ୍ଚ ୧୮, ୨୦୨୦ରେ ନାମାଙ୍କନପତ୍ର ପ୍ରତ୍ୟାହରର ଶେଷ ତାରିଖ ହୋଇଥିବା ବେଳେ ମାର୍ଚ୍ଚ ୨୬, ୨୦୨୦ରେ ନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବାହ୍ନ ୯ଟା ରୁ ଅପରାହ୍ଣ ୪ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଅପରାହ୍ଣ ୫ଟାରେ ଭୋଟ ଗଣତି ହେବ। ମାର୍ଚ୍ଚ ୩୦, ୨୦୨୦ ସୁଦ୍ଧା ନିର୍ବାଚନ ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟା ଶେଷ ହେବ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବାଇଗଣୀ ରଙ୍ଗର ସ୍କେଚ୍ ପେନ୍‌ରେ ଚିହ୍ନିତ କରାଯାଇ ବାଲଟ ପେପରରେ ଭୋଟ ଗ୍ରହଣ ହେବ। ବାଲଟ ପେପରରେ ଅନ୍ୟ କୌଣସି କଲମ ବ୍ୟବହୃତ ହୋଇପାରିବ ନାହିଁ। ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ। ସେମାନେ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବେ।

## ବିହାରରେ ଲାଗୁ ହେବନି ଏନ୍‌ଆରସି



**ପାଟନା :** କେନ୍ଦ୍ର ସରକାର ସାରା ଦେଶରେ ଏନ୍‌ଆରସି ଲାଗୁ ହେବ ବୋଲି ସଙ୍କେତ ଦେବା ପରେ ଏହାକୁ ନେଇ ବିବାଦ ଦେଖାଯାଇଥିଲା। ହେଲେ ଏବେ ବିଜେପିର ବିହାର ସହଯୋଗୀ ତଥା କ୍ଷମତାସୀନ ଜେଡିୟୁ ବିହାର ବିଧାନସଭାରେ ଏନ୍‌ଆରସି ବିରୋଧୀ ସଂକଳ୍ପ ପାରିତ କରିଛି। ଅର୍ଥାତ୍ ବିହାରରେ କେବେ ହେଲେ ବି ଏନ୍‌ଆରସି ଲାଗୁ ହେବନାହିଁ ବୋଲି ଗୃହୀତ ସଂକଳ୍ପରେ କୁହାଯାଇଛି। ସେହିପରି ବିହାରରେ ଏନ୍‌ପିଆର ଲାଗୁ ହେବ। ହେଲେ ୨୦୧୦ରେ ଲାଗୁ ହେଉଥିବା ନିୟମ ଅନୁସାରେ ହିଁ ଏହାକୁ ଲାଗୁ କରାଯିବ। ମୋଦି ସରକାର ପ୍ରସ୍ତୁତ କରିଥିବା ଏନ୍‌ପିଆର ଫର୍ମକୁ ବିହାରରେ କାର୍ଯ୍ୟକାରୀ କରାଯିବନାହିଁ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିଧାନସଭାରେ କହିଛନ୍ତି, ବିହାର ସରକାର କେନ୍ଦ୍ର ସରକାରଙ୍କୁ ଏନ୍‌ପିଆର ସମ୍ପର୍କରେ ଚିଠି ଲେଖିଛନ୍ତି। ଏନପିଆର ଫର୍ମରେ ଥିବା କଣ୍ଟିନିୟୁଅସ କ୍ଲଜକୁ ହଟାଇବାକୁ ଦାବି କରିଛୁ। ମୁଁ ନିଜେ ମୋ ମା'ଙ୍କ ଜନ୍ମ ତାରିଖ ଜାଣିନାହିଁ। ତେଣୁ ଏନ୍‌ପିଆରରେ ଏଭଳି ପଚରା ଯାଇଥିବା ପ୍ରଶ୍ନକୁ ହଟାଇବାକୁ ଦାବି ହୋଇଛି। ସେହିପରି କୌଣସି ବି ପରିସ୍ଥିତିରେ ବିହାରରେ ଏନ୍‌ଆରସି ଲାଗୁ ହେବନାହିଁ। ଅନ୍ୟପକ୍ଷରେ ବିହାର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ଚାହୁଁଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି। କେବଳ ବିହାରରେ ନୁହେଁ ସମଗ୍ର ଦେଶରେ ଜାତିଭିତ୍ତିକ ଜନଗଣନା ହେବା ଦରକାର।

# ଭାରତ-ଆମେରିକା ମଧ୍ୟରେ ୩୦୦ କୋଟି ଡଲାରର ପ୍ରତିରକ୍ଷା ଚୁକ୍ତି



**ନୂଆଦିଲ୍ଲୀ :** ଭାରତ ଏବଂ ଆମେରିକା ମଧ୍ୟରେ ୩୦୦ କୋଟି ଡଲାରର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇଦେଶର ପ୍ରତିନିଧି ପ୍ରତିରକ୍ଷା ଚୁକ୍ତି ଉପରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଫଳରେ ଆମେରିକା ଭାରତକୁ ଅତ୍ୟାଧୁନିକ ସାମରିକ ଉପକରଣ ଯୋଗାଇଦେବ। ଏହାବ୍ୟତୀତ ଖୁବ୍‌ଶୀଘ୍ର ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ନେଇ ଆଲୋଚନା ଆରମ୍ଭ ହେବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରୁ ଜଣାପଡିଛି। ହାଇଦ୍ରାବାଦ ହାଉସରେ ଆଲୋଚନା ପରେ ଉଭୟ ନେତା ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଟ୍ରମ୍ପ କହିଛନ୍ତି ଯେ, ଆଜି ଆମେ ପରସ୍ପର ମଧ୍ୟରେ ପ୍ରତିରକ୍ଷା ବୁଝାମଣାକୁ ଅଧିକ ଦୃଢ଼ କରିଛୁ। ଆଜି ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ହୋଇଛି। ଭାରତ ସରକାର ଆମେରିକା ଠାରୁ ୩୦୦ କୋଟି ଡଲାରରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କିଣିବେ। ଏଥିରେ ଆପାଚେ ଓ ଏମ୍‌ଏଚ୍-୬୦ ରୋମିଓ ହେଲିକପ୍ଟର ରହିଛି। ଏହା ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ହେଲିକପ୍ଟର। ଏହା ଆମର ଯୁଗ୍ମ ଡିଫେନ୍ସ କ୍ଷମତାକୁ ଅଧିକ ସୁଦୃଢ଼ କରିବ। ସେହିପରି ମୋଦି କହିଥିଲେ ଯେ, ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କ ଏକବିଂଶ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାଗିଦାରି ହେବ। ସେଥିଲାଗି ଟ୍ରମ୍ପ ଏବଂ ମୁଁ ଆମ ସମ୍ପର୍କକୁ କମ୍ପ୍ରିହେନଶିଭ୍ ଗ୍ଲୋବାଲ ଷ୍ଟାଟେଜିକ ପାର୍ଟନରସିପ୍ ସ୍ତରକୁ ନେବା ଲାଗି ନିଷ୍ପତ୍ତି ନେଇଛୁ। ନିଶାଦ୍ରବ୍ୟ ଚାଲାଣ, ଆତଙ୍କବାଦ ଏବଂ ସଂଗଠିତ ଅପରାଧ ଭଳି ଗମ୍ଭୀର ସମସ୍ୟା ଗୁଡିକ ସମ୍ପର୍କରେ ଏକ ନୂଆ ମେକାନିଜିମ ଆଣିବା ଲାଗି ଦୁଇଦେଶ ମଧ୍ୟରେ ସହମତି ହୋଇଛି। ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ଆମେରିକା ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇଛି। ଏହି କ୍ଷେତ୍ରରେ ଆମର ନିବେଶ ମଧ୍ୟ ବଢ଼ିଛି ଖୁବ୍‌ଶୀଘ୍ର ଏକ ବଡ ବାଣିଜ୍ୟିକ ଚୁକ୍ତି ଉପରେ ଆମେ ଆଲୋଚନା କରିବୁ। ସାମ୍ବାଦିକ ସମ୍ମିଳନୀ ପ୍ରାରମ୍ଭରେ ମୋଦି ଟ୍ରମ୍ପ ଏବଂ ତାଙ୍କ ପ୍ରତିନିଧି ମଣ୍ଡଳଙ୍କୁ ସ୍ୱାଗତ କରିଥିଲେ। ମୋଦି କହିଥିଲେ ଟ୍ରମ୍ପ ତାଙ୍କ ପରିବାର ସହିତ ଭାରତ ଗସ୍ତରେ ଆସିଥିବାରୁ ଏକ ସ୍ୱତନ୍ତ୍ର ପ୍ରକାର ଖୁସି ଅନୁଭବ ହେଉଛି। ଏଥିପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ। ଗତ ୮ମାସରେ ଟ୍ରମ୍ପ ଏବଂ ମୋ ମଧ୍ୟରେ ଏହା ୫ମ ସାକ୍ଷାତ। ମୋଟେରା ଷ୍ଟାଡିୟମରେ ଟ୍ରମ୍ପଙ୍କ କାର୍ଯ୍ୟକ୍ରବ ସର୍ବଦା ସ୍ମରଣୀୟ ରହିବ। ଏହା ସ୍ପଷ୍ଟ ହୋଇଛି ଯେ, ଆମେରିକା ଏବଂ ଭାରତ ସମ୍ପର୍କ କେବଳ ଦୁଇ ସରକାର ମଧ୍ୟରେ ନାହିଁ, ଉଭୟ ଦେଶର ବାସିନ୍ଦାଙ୍କ ଉପରେ ଆଧାରିତ।




# ଓଡ଼ିଶାବାସୀଙ୍କ ସେବା ହିଁ ଦଳର ଏକମାତ୍ର ଲକ୍ଷ୍ୟ : ନବୀନ



**ଭୁବନେଶ୍ୱର :** ଲଗାତାର ଅଷ୍ଟମଥର ପାଇଁ ବିଜୁ ଜନତା ଦଳର ଅପ୍ରତିଦ୍ୱନ୍ଦ୍ୱୀ ସଭାପତି ଭାବେ ନବୀନ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ଦଳର ନିର୍ବାଚନ ଅଧିକାରୀ ପ୍ରତାପ କେଶରୀ ଦେବ ନବୀନଙ୍କ ନାମ ଘୋଷଣା କରିଛନ୍ତି। ୧୯୯୭ ମସିହା ଡିସେମ୍ବର ୨୭ ତାରିଖରେ ବିଜୁ ଜନତା ଦଳ ଗଠନ ହୋଇଥିଲା। ଦଳ ଗଠନ ହେବା ଦିନଠାରୁ ନବୀନ ସଭାପତି ପଦରେ ରହି ଆସିଛନ୍ତି। କ୍ରମାଗତ ଭାବେ ଦୀର୍ଘ ୨୦ ବର୍ଷ ଧରି ସେ ଦଳ ଓ ରାଜ୍ୟର ନେତୃତ୍ୱ ନେବାରେ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ୨୦ ବର୍ଷ ମଧ୍ୟରେ ସେ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା ୩୫୫ ଜଣ ସଦସ୍ୟଙ୍କ ମଧ୍ୟରୁ ୮୦ ଜଣ ରାଜ୍ୟ କାର୍ଯ୍ୟକାରିଣୀ ନିର୍ବାଚିତ ହୋଇଥିଲେ। ଅଷ୍ଟମ ଥର ଦଳ ସଭାପତି ଭାବେ ନିର୍ବାଚିତ ହେବା ପରେ ନବୀନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ଦଳୀୟ କାର୍ଯ୍ୟାଳୟରେ ଥିବା ସମସ୍ତ ନେତା ଓ ସଂଗଠନର ସଦସ୍ୟମାନେ ନବୀନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ, ମୋର ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନମସ୍କାର ଓ ଧନ୍ୟବାଦ। ଲକ୍ଷ ଲକ୍ଷ ବିଜୁ ଜନତା ଦଳର ଭାଇ ଓ ଭଉଣୀମାନଙ୍କୁ ମୋର ନମସ୍କାର ଓ ଧନ୍ୟବାଦ। ଓଡ଼ିଶାବାସୀଙ୍କ ଅକୁଣ୍ଠ ସମର୍ଥନ ପାଇ ମୁଁ ସମସ୍ତଙ୍କ ପାଖରେ ଋଣୀ। ସେବା ତାଙ୍କ ଦଳର ମୂଳମନ୍ତ୍ର। ଏହା ହିଁ ସଫଳତାର ଚାବିକାଠି। ନିର୍ବାଚନ ଜିତିବା ପାଇଁ ବିଜେଡି ଲଢ଼ିନାହିଁ। ଲୋକଙ୍କ ସ୍ନେହ ଓ ଭଲପାଇବା ପାଇଁ ବିଜେଡି ଲଢ଼େ। ଲୋକଙ୍କ ସେବା ଓ ହୃଦୟ ଜିତିବାକୁ ଲଢ଼େ। ଓଡ଼ିଶାବାସୀଙ୍କ ସେବା ହିଁ ଦଳର ଏକମାତ୍ର ଲକ୍ଷ୍ୟ। ବିଜୁ ବାବୁ କହୁଥିଲେ, ନିର୍ବାଚନରେ ସବୁବେଳେ ଜିତିବ ବୋଲି ଭାବିବନି। ବରଂ ସର୍ବଦା ଲୋକଙ୍କ ସେବା କର। ବିଜେଡିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଗତ ଦୁଇମାସ ଧରି ଜାରି ରହିଥିଲା। ୱାର୍ଡ, ପଞ୍ଚାୟତ, ବ୍ଲକ୍ ଓ ୩୩ଟି ସାଙ୍ଗଠନିକ ଜିଲ୍ଲାର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଏବେ ସାଙ୍ଗଠନିକ ନିର୍ବାଚନ ଶେଷ ହୋଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ନିର୍ବାଚନ ପାଇଁ ଗତ ୨୩ ତାରିଖରେ ନବୀନ ପଟ୍ଟନାୟକଙ୍କ ସମେତ ଦଳର ୮୦ ଜଣ ନେତା ନାମାଙ୍କନପତ୍ର ଦାଖଲ କରିଥିଲେ। ୨୪ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ଫେବ୍ରୁଆରୀ ୨୫ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ରାଜ୍ୟ କାର୍ଯ୍ୟକାରିଣୀର ୮୦ ଜଣ ସଦସ୍ୟଙ୍କ ତାଲିକା ଘୋଷଣା କରାଯାଇଛି।

# ଧର୍ମାନୁଷ୍ଠାନକୁ ୨୩ କୋଟି

**ଭୁବନେଶ୍ୱର :** ରାଜ୍ୟର ୨୩ ଧାର୍ମିକ ଅନୁଷ୍ଠାନରେ ତୀର୍ଥଯାତ୍ରୀଙ୍କ ସୁବିଧା ସୁଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଧର୍ମ ଅନୁଷ୍ଠାନ ମଧ୍ୟରେ ୧୦ଟି ମନ୍ଦିର, ୫ଟି ଚର୍ଚ୍ଚ, ୬ଟି ମସ୍‌ଜିଦ୍ ଓ ୨ଟି ଗୁରୁଦ୍ୱାର ରହିଛି। ପ୍ରତ୍ୟେକ ଅନୁଷ୍ଠାନକୁ ୧ କୋଟି ଲେଖାଏଁ ଦିଆଯିବ। ଏହି ଅର୍ଥ ଆପତ୍ତକାଳୀନ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ୧୦ଟି ମନ୍ଦିର ହେଲା ବରଗଡ଼ର ନୃସିଂହନାଥ, ଭଦ୍ରଖର ଭଦ୍ରକାଳୀ, ବଲାଙ୍ଗିରର ହରିଶଙ୍କର, ବୌଦ୍ଧର ଶ୍ରୀ ଜଗନ୍ନାଥ, ଢେଙ୍କାନାଳ ଜିଲ୍ଲା କପିଳାସର ଚନ୍ଦ୍ରଶେଖର ଜିଉ ମନ୍ଦିର, ଜଗତସିଂପୁର ଜିଲ୍ଲା ଝଙ୍କଡର ମା' ଶରଳା, ଯାଜପୁରର ମା' ବିରଜା, କେନ୍ଦୁଝରର ବଳଦେବ ଜିଉ, କୋରାପୁଟର ଗୁପ୍ତେଶ୍ୱର ଏବଂ ନବରଙ୍ଗପୁର ପାପଡ଼ାହାଣ୍ଡିର ନୀଳକଣ୍ଠେଶ୍ୱର। ସେହିପରି ଚର୍ଚ୍ଚ ତାଲିକାରେ ବଲାଙ୍ଗିରର ସିଏନ୍‌ଆଇ ଚର୍ଚ୍ଚ, ଖୋର୍ଦ୍ଧା ବାପିଟିଷ୍ଟ ଚର୍ଚ୍ଚ, କଟକ ଚାନ୍ଦିନୀଚୌକର ମାଉଣ୍ଟ ହାଉସ ଚର୍ଚ୍ଚ, କଳାହାଣ୍ଡିର ମଳିପଡ଼ାରେ ଥିବା ଏସ୍‌ଟି ପାଉଲ ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ ଏବଂ ଭୁବନେଶ୍ୱରର ୟୁନିଟ୍ ୪ରେ ଥିବା ଚର୍ଚ୍ଚ ଅଫ୍ କ୍ରିଷ୍ଟ ରହିଛି। ମସ୍‌ଜିଦ୍ ମଧ୍ୟରେ ପୁରୀର ଜାହାନିଆ ପୀର୍, ସୋନପୁରର ହାଜିର ଅବଦୁଲ ସକୁର ବାବା ତରଭା ସରିଫ ମସ୍‌ଜିଦ, ଭଦ୍ରକ ଧାମନଗରର ଦରଘା-ଇ-ହଜୁର ମୁଜାହିଦ-ଇ-ମିଲତ, ବାଲେଶ୍ୱରର ଭୁଜାଖିଆ ପିର୍, ଭୁବନେଶ୍ୱର ୟୁନିଟ୍ ୩ ସ୍ଥିତ ଜାମା ମସ୍‌ଜିଦ୍ ଓ ଖୋର୍ଦ୍ଧା କାଇପଦରରେ ଥିବା ହଜରତ ବୁଖାରୀ ପିର୍ ବାବା ମସ୍‌ଜିଦ୍ ରହିଛି। ଏହା ବ୍ୟତୀତ ୨ଟି ଗୁରୁଦ୍ୱାର ହେଲା ରାଉରକେଲା ଷ୍ଟେସନ ରୋଡ୍‌ରେ ଥିବା ଗୁରୁ ସିଂହ ସାହେବ ଗୁରୁଦ୍ୱାର ଏବଂ ପୁରୀର ବାଉଳି ମଠ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଉପରୋକ୍ତ ଧାର୍ମିକ ଅନୁଷ୍ଠାନ ଗୁଡିକରେ ତୀର୍ଥଯାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଏହି ଅର୍ଥ ବିନିଯୋଗ କରାଯିବ।

# ଏପ୍ରିଲ ୫ରୁ ଭୁବନେଶ୍ୱର ପୁସ୍ତକମେଳା

**ଭୁବନେଶ୍ୱର :** ଏପ୍ରିଲ ୫ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ୟୁନିଟ୍- ୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ 'ଭୁବନେଶ୍ୱର ପୁସ୍ତକ ମେଳା କମିଟି' ପକ୍ଷରୁ ଅନୁଷ୍ଠିତ ହେବ ରାଜ୍ୟର ସର୍ବବୃହତ୍ ପୁସ୍ତକମେଳା। ୧୦ଦିନ ବ୍ୟାପୀ ହେବାକୁ ଥିବା ଏହି ପୁସ୍ତକ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ପୁସ୍ତକ ପ୍ରକାଶନୀ ସଂସ୍ଥା ଯୋଗ ଦେବେ। 'ଭୁବନେଶ୍ୱର ପୁସ୍ତକ ମେଳା କମିଟି' ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ୩୬ତମ ପୁସ୍ତକମେଳା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନିକଟରେ ପରଲୋକ ଗମନ କରିଥିବା ଭୁବନେଶ୍ୱର ପୁସ୍ତକ ମେଳା କମିଟିର ବୟୋଜ୍ୟେଷ୍ଠ ସଦସ୍ୟ ବିଶିଷ୍ଟ ଅନୁବାଦକ ଯୁଗଳ କିଶୋର ଦତ୍ତଙ୍କ ସ୍ମୃତିରେ ବୈଠକ ପ୍ରାରମ୍ଭରେ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷଠାରୁ ସ୍ୱର୍ଗତ ଦତ୍ତଙ୍କ ସ୍ମୃତିରେ ପୁସ୍ତକ ମେଳା କମିଟି ପକ୍ଷରୁ ଅନୁବାଦ ସାହିତ୍ୟ ପାଇଁ ଏକ ପୁରସ୍କାର ପ୍ରବର୍ତ୍ତନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ନିଆଯାଇଥିବା ଅନ୍ୟାନ୍ୟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କମିଟି ସମ୍ପାଦକ ଅଶୋକ ମହାନ୍ତି କହିଛନ୍ତି ଯେ, ଏପ୍ରିଲ ୫ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ପୁସ୍ତକ ମେଳାରେ କେବଳ ଗୋଟିଏ ବର୍ଗର ଷ୍ଟଲ ରହିବ। ପ୍ରକାଶକମାନେ ଚାହିଁଲେ ଏକାଧିକ ଷ୍ଟଲ ନେଇପାରିବେ। ପ୍ରକାଶନୀ ସଂସ୍ଥା ବ୍ୟତୀତ ସ୍କୁଲ୍, କଲେଜ, ବୈଷୟିକ ଅନୁଷ୍ଠାନ, ଆର୍ଥିକ ସଂସ୍ଥା ଇତ୍ୟାଦି ମଧ୍ୟ ଷ୍ଟଲ ନେଇପାରିବେ। ମେଳା ହେବାକୁ ଥିବା ୧୦ ଦିନ ମଧ୍ୟରୁ ୬ ଦିନ ସରକାରୀ ଛୁଟି ଦିବସ ଥିବାରୁ ଏଥର ମେଳା ପରିସରରେ ଅଧିକ ଦର୍ଶକ ଉପସ୍ଥିତ ହେବେ ବୋଲି ଆଶା କରାଯାଉଛି। ମେଳା ଅବସରରେ ରାଜ୍ୟ ଓ ରାଜ୍ୟ ବାହାରର ଲେଖକ ଓ ପ୍ରକାଶକମାନେ ସାମିଲ ହେଉଥିବାରୁ ସେମାନଙ୍କ ସହିତ ପାଠକ, ପାଠିକାମାନେ ଭାବର ଆଦାନପ୍ରଦାନ କରିବାର ସୁଯୋଗ ପାଇବେ। ଏଥିନିମନ୍ତେ 'ସ୍ୱତନ୍ତ୍ର ସାହିତ୍ୟିକ ମଣ୍ଡପ'ର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ପ୍ରତ୍ୟେକ ଦିନ ପୁସ୍ତକ ମେଳା ମୁଖ୍ୟ ମଣ୍ଡପରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ସଭା ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ ପୁସ୍ତକମେଳା ସମ୍ପର୍କରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯିବ, ଯେଉଁଥିରେ ପୁସ୍ତକ, ପୁସ୍ତକ ମେଳା ଏବଂ ଅନ୍ୟାନ୍ୟ ସାହିତ୍ୟ ସମ୍ପର୍କିତ ଲେଖା ଓ ତଥ୍ୟ ରହିବ।

# ଶ୍ରୀଜଗନ୍ନାଥଙ୍କ ୨୫ ହଜାର ଏକର ଜମି ଗାଏବ



**ଭୁବନେଶ୍ୱର :** ରାଜ୍ୟର ୨୪ଟି ଜିଲ୍ଲାରେ ଶ୍ରୀ ଜଗନ୍ନାଥଙ୍କର ମୋଟ ୬୦ ହଜାର ୪୨୬ ଏକର ୯୪୩ ଡେସିମିଲ ପରିମିତ ଜମି ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ଅଦ୍ୟାବଧି ୩୪ ହଜାର ୮୦୩ ଏକର ୧ଡେସିମିଲ ପରିମିତ ଜମିର ଚୂଡ଼ାନ୍ତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି। ବଳକା ୨୫ ହଜାର ୬୨୩ ଏକର ୯୩୦ ଡେସିମିଲ ଜମିର ସ୍ୱତ୍ୱଲିପି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଫେରିନାହିଁ। ଅର୍ଥାତ ଉପରୋକ୍ତ ଜମି କୌଣସି ବ୍ୟକ୍ତିବିଶେଷ, ସଂସ୍ଥା କିମ୍ବା ଅନୁଷ୍ଠାନ ଦ୍ୱାରା ଜବରଦଖଲ ଅବସ୍ଥାରେ ଅଛି। ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମା ରହିଛି ବୋଲି ବିଧାୟକ ଗଣେଶ ରାମ୍ ସିଂ ଖୁଣ୍ଟିଆଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ମନ୍ତବ୍ୟ ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ପୁରୀ ଜିଲ୍ଲାରେ ସର୍ବାଧିକ ୧୭ ହଜାର ୭୧ ଏକର ୨୧୨ ଡେସିମିଲରୁ ମନ୍ଦିର ପ୍ରଶାସନ ନିକଟକୁ ୧୦ ହଜାର ୨୦୧ଏକର ୯୧୮ ଡେସିମିଲ ଫେରିଛି। ବାକି ୬ ହଜାର ୮୬୯ ଏକର ୨୯୪ ଡେସିମିଲ ଜମି ପ୍ରଶାସନ ନିକଟକୁ ଆସିପାରିନଥିବା ଜଣାପଡ଼ିଛି। ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୨୯ ହଜାର ୭୫୨ ଏକର ୯୦୭ ଡେସିମିଲ ଜମି ଚିହ୍ନିତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ୧୫ ହଜାର ୭୬ ଏକର ୨୧୭ ଏକର ଜମି ପ୍ରଶାସନ ଅଧୀନକୁ ଆସିପାରିନାହିଁ। ସେହିପରି ଗଞ୍ଜାମ ଜିଲ୍ଲାରେ ୮୦୦ ଏକର ୭୦୧ ଡେସିମିଲ, ଯାଜପୁରରେ ୫୭୧ ଏକର ୯୧୯ ଡେସିମିଲ, କଟକରେ ୪୪୩ ଏକର ୬୬୩ ଡେସିମିଲ, ଭଦ୍ରକରେ ୩୬୫ ଏକର ୨୯୬ ଡେସିମିଲ ଜମି ଶ୍ରୀମନ୍ଦିର ସ୍ୱତ୍ୱଲିପିକୁ ଫେରିପାରିନାହିଁ। ଅନ୍ୟପଟରେ କେନ୍ଦ୍ରାପଡ଼ାରେ ୩୮୮ ଏକର ୪୨୯ ଡେସିମିଲ ଜମି, ନୟାଗଡ଼ରେ ୧୦୧ ଏକର ୩୧୦ ଡେସିମିଲ, ବାଲେଶ୍ୱରରେ ୫୧୬ ଏକର ୮୨୫ ଡେସିମିଲ, ଅନୁଗୁଳରେ ପ୍ରାୟ ୬୨ ଏକର ୧୧୨ ଡେସିମିଲ ପରିମିତ ଜମି ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ଜବରଦଖଲରେ ରହିଛି। ଶ୍ରୀଜଗନ୍ନାଥଙ୍କ ଜମିକୁ ବିନା କାଗଜପତ୍ରରେ ବେଆଇନ ଭାବେ ଅବରୋଧ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯିବା ସହ ଶ୍ରୀଜଗନ୍ନାଥ ମନ୍ଦିର ଆଇନ- ୧୯୯୫ ଧାରା ୧୬(ଏ) ଅନୁଯାୟୀ ୮୬୪ଟି ମୋକଦ୍ଦମା ମନ୍ଦିର ପ୍ରଶାସନ ପକ୍ଷରୁ ଦାୟର କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୩୧ ଜାନୁଆରୀ ୨୦୨୦ ସୁଦ୍ଧା ଶ୍ରୀଜଗନ୍ନାଥଙ୍କ ସମସ୍ତ ପାଣ୍ଠିର ସ୍ଥାୟୀ ଜମା ପରିମାଣ ୫୫୨ କୋଟି ୪୩ ଲକ୍ଷ ୨୧ ହଜାର ଟଙ୍କା ହୋଇଥିବା ବେଳେ ଫ୍ଲେକ୍ସି, ସଞ୍ଚୟଖାତା ଓ ଚଳନ୍ତି ଖାତାରେ ଥିବା ମୋଟ ୭୪ କୋଟି ୧ ଲକ୍ଷ ୯୭ ହଜାର ୪୪୪ ଟଙ୍କା ମିଶିଲେ ସର୍ବମୋଟ ପରିମାଣ ୬୨୬ କୋଟି ୪୪ ଲକ୍ଷ ୭୮ ହଜାର ୪୪୪ ଟଙ୍କା ବୋଲି ମନ୍ତ୍ରୀ ନିଜ ଉତ୍ତରରେ କହିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ୟେସ୍ ବ୍ୟାଙ୍କରେ ୩୦ ସେପ୍ଟେମ୍ବର ୨୦୧୯ ସୁଦ୍ଧା ସ୍ଥାୟୀ ଜମାରେ ୫୪୫ କୋଟି ଟଙ୍କା ଓ ଫ୍ଲେକ୍ସି ଜମାରେ ୪୭ କୋଟି ଟଙ୍କା ଏହିପରି ମୋଟ ୫୯୨ କୋଟି ଟଙ୍କା ଜମା କରାଯାଇଥିଲା। ତେବେ ଇତିମଧ୍ୟରେ ୪୭ କୋଟି ଟଙ୍କାର ଫ୍ଲେକ୍ସି ଜମାକୁ ୟେସ୍ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ସର୍ବାଧିକ ହାରରେ ସୁଧ ପ୍ରଦାନ କରୁଥିବାରୁ ଓ ଟେଣ୍ଡର ମାଧ୍ୟମରେ ୟେସ୍ ବ୍ୟାଙ୍କ ଚୟନ ହୋଇଥିବାରୁ ଉପରୋକ୍ତ ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯାଇଛି ବୋଲି ମନ୍ତ୍ରୀ ଉପସ୍ଥାପିତ ତଥ୍ୟରେ ଉଲ୍ଲେଖ କରିଛନ୍ତି।

# ପଞ୍ଚାୟତିରାଜ ଅନୁଷ୍ଠାନକୁ ସଶକ୍ତ କରାଯିବ : ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଅଧିକ ସଶକ୍ତ ତଥା କ୍ରିୟାଶୀଳ କରିବା ସଙ୍ଗେସଙ୍ଗେ ଗ୍ରାମାଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମ୍ବନ୍ଧୀୟ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗୃହରେ ଦେଇଥିବା ବିବୃତିରେ ପ୍ରକାଶ କରିଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ଅର୍ଥ ଆୟୋଗ ଅନୁଦାନ ବିନିଯୋଗରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନକୁ ସଶକ୍ତ କରାଯିବ। ଗ୍ରାମାଞ୍ଚଳରେ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାଣି ଯୋଗାଇବା ଲାଗି ବିଭିନ୍ନ ଯୋଜନା ସହିତ କେନ୍ଦ୍ର ଓ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରୁ ବାର୍ଷିକ ୩୦% ଅର୍ଥ ଖର୍ଚ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଗ୍ରାମାଞ୍ଚଳର ସବୁ ଘରକୁ ପାଇପ ଦ୍ୱାରା ପାନୀୟଜଳ ଯୋଗାଣ ଲାଗି ଗ୍ରାମପଞ୍ଚାୟତର ଅର୍ଥ ଆୟୋଗ ଅନୁଦାନର ଅଂଶଧନ ୧୦ଲକ୍ଷ ଟଙ୍କାକୁ ରାଜ୍ୟ ସରକାରଙ୍କ ଯୋଜନା ବସୁଧା ଏବଂ କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ସହ ଏକତ୍ରୀକରଣ କରାଯାଇ କାର୍ଯ୍ୟକାରୀ କରାଯାଇଛି। ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଉଚ୍ଚବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ିତୋଳିବା ସହ ଏହାର ସବୁ ପ୍ରକାର ଆଧୁନିକୀକରଣ ବ୍ୟବସ୍ଥା ହେବ। ସ୍ମାର୍ଟ କ୍ଲାସରୁମ୍, ଶୌଚାଳୟ, ପାନୀୟ ଜଳ, ସ୍କୁଲ ଉଦ୍ୟାନ, ଖେଳ ପଡ଼ିଆ, ପ୍ରାଚୀର ଓ ସବୁଜ ବଳୟ ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇ ସ୍କୁଲର ସୌନ୍ଦର୍ଯ୍ୟକରଣ କରାଯିବ। ସେହିଭଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଓ ରକ୍ଷଣାବେକ୍ଷଣ ସହିତ ରୋଗୀ ପ୍ରତୀକ୍ଷାଳୟ, ଶୌଚାଳୟ, ପରିମଳ ବ୍ୟବସ୍ଥା, ବାହ୍ୟ ଆଲୋକୀକରଣ, ପ୍ରାଚୀର ବ୍ୟବସ୍ଥା ରହିବ। ଏହି ସବୁ କାର୍ଯ୍ୟ କରିବା ଲାଗି ଅର୍ଥ ଆୟୋଗ ଅନୁଦାନ ସହ ମନେରେଗା, ବିଧାୟକ, ଏମ୍‌ପି ଲ୍ୟାଡ୍, ମୋ ବିଦ୍ୟାଳୟ ଅବଶ୍ୟକ ସ୍ଥଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିର ଏକାଭିମୁଖୀକରଣ କରାଯିବ। ସେହିପରି ଜିଲ୍ଲା ପରିଷଦସ୍ତରରେ ଅଧିକ କ୍ରିୟାଶୀଳ କରିବାକୁ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ, ସଦର ମହକୁମା ଓ ଉପଖଣ୍ଡ ଚିକିତ୍ସାଳୟର ମରାମତି ଓ ରକ୍ଷଣାବେକ୍ଷଣ ସହ ରୋଗୀ ପ୍ରତୀକ୍ଷାଳୟ ନିର୍ମାଣ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଜିଲ୍ଲା ପରିଷଦ ମାଧ୍ୟମରେ ଅର୍ଥ ଆୟୋଗ ଅନୁଦାନ ସହ ସମ୍ପୃକ୍ତ ବିଭାଗୀୟ ପାଣ୍ଠିରୁ ବିନିଯୋଗ କରିବା ଲାଗି ବ୍ୟବସ୍ଥା ହୋଇଛି। ଗ୍ରାମାଞ୍ଚଳରେ ବିଭିନ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ସବୁଦିନିଆ ରାସ୍ତା ସଂଯୋଗୀକରଣକୁ ପ୍ରାଧାନ୍ୟ ଦିଆଯିବ। ଉପରୋକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ଅନୁଷ୍ଠାନ ଭଳି ସମ୍ପତ୍ତି ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ହିସାବ ଖାତାକୁ ହସ୍ତାନ୍ତର କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି।

# ୫.୪୨% ପିଲା ଅଧାରୁ ଛାଡୁଛନ୍ତି ପାଠପଢ଼ା

**ଭୁବନେଶ୍ୱର :** ରାଜ୍ୟର ୯୦ଟି ସ୍କୁଲରେ କଳାପଟା ନାହିଁ। ସେହିପରି ରାଜ୍ୟର ୩୭ ହଜାର ୬୪୫ ସ୍କୁଲରେ ନିଜସ୍ୱ ଖେଳପଡ଼ିଆ ନାହିଁ। ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ଉତ୍ତର ପ୍ରଦାନ କରିଛନ୍ତି। ଖାଲି ଶୌଚାଳୟ କିମ୍ବା ଖେଳପଡ଼ିଆ ନୁହେଁ, ବରଂ ବିଜୁଳିଠାରୁ ଆରମ୍ଭ କରି କଳାପଟା ପର୍ଯ୍ୟନ୍ତ ବିଭିନ୍ନ ମୌଳିକ ଏବଂ ଆନୁଷଙ୍ଗିକ ବ୍ୟବସ୍ଥାରେ ଥିବା ଅଭାବ ଶିକ୍ଷା ବିଭାଗର ବିକଳ ଚିତ୍ରକୁ ପଦାରେ ପକାଇଛି। ବିଧାୟକ ଶ୍ରୀ ମାଝୀ ପଚାରିଥିଲେ ଯେ ରାଜ୍ୟରେ ଥିବା ସରକାରୀ ପ୍ରାଥମିକ ସ୍କୁଲ, ଉଚ୍ଚ ପ୍ରାଥମିକ ସ୍କୁଲ ଓ ଉଚ୍ଚ ବିଦ୍ୟାଳୟରେ ଭିତ୍ତିଭୂମି କିପରି ରହିଛି। ଉତ୍ତରରେ ମନ୍ତ୍ରୀ ଶ୍ରୀ ଦାଶ କହିଥିଲେ ଯେ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଅଧୀନରେ ଥିବା ୩୪,୩୯୪ ସ୍କୁଲରେ ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା ନାହିଁ। ସେହିପରି ୨,୪୫୧ଟି ସ୍କୁଲରେ ପାଠାଗାର ନଥିବା ବେଳେ ୧୬,୩୬୮ଟି ବିଦ୍ୟାଳୟରେ ସୁରକ୍ଷା ପାଇଁ ପାଚେରି ନାହିଁ। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସେମାନେ ସ୍କୁଲ ଆସିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ମାଗଣାରେ ବହି, ଖାତା ବଣ୍ଟନ, ୟୁନିଫର୍ମ ଓ ଜୋତା ପର୍ଯ୍ୟନ୍ତ ମାଗଣାରେ ବଣ୍ଟନ କରୁଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ରହିଥିବା ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ତାଲିକା ଅନୁଯାୟୀ ପ୍ରାଥମିକ ଶିକ୍ଷାସ୍ତରରେ ରାୟଗଡ଼ାରେ ସର୍ବାଧିକ ୧୧.୬୭ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଛାଡୁଥିବା ବେଳେ ୧୭.୧୦ ପ୍ରତିଶତ ଉଚ୍ଚ ପ୍ରାଥମିକ ସ୍ତରରେ ପାଠପଢ଼ା ଛାଡୁଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲାରେ ପ୍ରାଥମିକ ସ୍ତରରେ ଏହା ୮.୪୬ ପ୍ରତିଶତ ରହିଥିବା ବେଳେ ଉଚ୍ଚ ପ୍ରାଥମିକ ସ୍ତରରେ ୧୧.୩୬ ପ୍ରତିଶତ ରହିଛି। କେନ୍ଦ୍ରାପଡ଼ାରେ ଏହି ହାର ପ୍ରାଥମିକ ସ୍ତରରେ ୮.୯୩ ପ୍ରତିଶତ ରହିଥିବା ବେଳେ ଉଚ୍ଚ ପ୍ରାଥମିକ ସ୍ତରରେ ୧୦.୯୭ ପ୍ରତିଶତ ରହିଛି। ଖୋର୍ଦ୍ଧା ପରି ଜିଲ୍ଲାରେ ପ୍ରାଥମିକ ସ୍ତରରେ ୮.୧୯ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଛାଡୁଥିବା ବେଳେ ଉଚ୍ଚ ପ୍ରାଥମିକ ସ୍ତରରେ ୭.୫୨ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଛାଡୁଛନ୍ତି। ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ବଜେଟରେ ହଜାର ହଜାର କୋଟି ଟଙ୍କାର ବ୍ୟୟ ବରାଦ ହେଉଛି। ବିଦ୍ୟାଳୟ ସ୍ତରରେ ନୂଆ ନୂଆ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ଏଥିପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଛି। ତଥାପି ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଏପରି ବିକଳ ଚିତ୍ର ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜ୍ୟରେ ଖାଲିପଡ଼ିଛି ୩ ହଜାର ଡାକ୍ତର ପଦବୀ



**ଭୁବନେଶ୍ୱର :** ରାଜ୍ୟରେ ଡାକ୍ତର ଅଭାବ ଥିଲା ବେଳେ ଅନ୍ୟ ପଟରେ ଭାରତରେ ପ୍ରାୟ ୧୦% ଡାକ୍ତରୀ ଛାତ୍ରମାନେ ଡିଗ୍ରୀ ହାସଲ କରି ଦେଶ ଛାଡ଼ି ଚାଲିଯାଉଛନ୍ତି। ଫଳରେ ଦେଶରେ ଦିନକୁ ଦିନ ଡାକ୍ତର ସମସ୍ୟା ଦୂର ହେବା ପରିବର୍ତ୍ତେ ଅଭାବ ବଢ଼ିବଢ଼ି ଯାଉଛି। ସରକାର ଡାକ୍ତରୀ ଡ୍ରିଗୀ କ୍ଷେତ୍ରରେ ସିଟ୍ ବଢ଼ାଇବାରେ ଲାଗିଛନ୍ତି। ହେଲେ ଉତ୍ତୀର୍ଣ୍ଣ ଡାକ୍ତର ଦେଶରୁ ଡିଗ୍ରୀ ହାସଲ କରିଛନ୍ତି, ସେମାନଙ୍କ କ୍ଷେତ୍ରରେ ଦେଶରେ ରୋଗୀ ସେବା କରିବା ବାଧ୍ୟତାମୂଳକ କ୍ଷେତ୍ରରେ କୌଣସି ଅଙ୍କୁଶ ଲଗାଉନାହାନ୍ତି। ରାଜ୍ୟରେ ୩ହଜାରରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ସର୍ବଭାରତୀୟ ଅନୁପାତରେ ଓଡ଼ିଶାରେ ବି ଡାକ୍ତର ସଂଖ୍ୟା କମ୍ ଅଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଏକ ପ୍ରଶ୍ନର ବିଧାନସଭା ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହି ସୂଚନା ଦେଇଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ, ରାଜ୍ୟରେ ୮୭୨୦ଟି ଡାକ୍ତର ପଦବୀ ଥିବାବେଳେ ଏଥିରୁ ୩୩୦୬ଟି ଖାଲିପଡ଼ିଛି। ସେହିଭଳି ୪୩୮ଟି ଦାନ୍ତ ଡାକ୍ତର ପଦବୀ ମଧ୍ୟରୁ ୧୦୨ଟି ଖାଲି ପଡ଼ିଥିବାବେଳେ ଡାକ୍ତରୀ ଶିକ୍ଷା ପାଇଁ ଥିବା ୧୨୬୭ଟି ଡାକ୍ତର ପଦବୀରୁ ୨୨୪ ଓ ୧୨୮୫ ଆୟୁଷ ଡାକ୍ତରଙ୍କ ମଧ୍ୟରୁ ୪୯୧ଟି ପଦବୀ ଖାଲି ରହିଛି। ତେବେ ମନ୍ତ୍ରୀ ଦେଇଥିବା ସୂଚନାନୁଯାୟୀ ସର୍ବଭାରତୀୟ ସ୍ତରରେ ପ୍ରତି ହଜାରେ ଲୋକଙ୍କ ଲାଗି ୦.୮୬ ଜଣ ଡାକ୍ତର ଥିବା ବେଳେ ଓଡ଼ିଶାରେ ଏହି ହାର ୦.୫୧ ରହିଛି। ତେବେ ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ପ୍ରତି ହଜାରେ ଲୋକଙ୍କ ପାଇଁ ୧.୯୨ ଜଣ ଡାକ୍ତର ରହିଛନ୍ତି ଓ ପଶ୍ଚିମବଙ୍ଗରେ ଏହା ୦.୭୪ ଜଣ ଡାକ୍ତର ରହିଛନ୍ତି। ତେବେ ବିହାରରେ ହଜାରେ ଲୋକଙ୍କ ପାଇଁ ୦.୩୪ ଡାକ୍ତର ଥିବା ବେଳେ ଝାଡ଼ଖଣ୍ଡରେ ୦.୧୫ ଓ ଛତିଶଗଡ଼ରେ ଏହି ହାର ୦.୩୦ ରହିଛି। ଏହି ସୂଚନାନୁଯାୟୀ ଦେଶରେ ମୋଟ୍ ୧୧,୫୪,୬୮୬ ଜଣ ପଞ୍ଜିକୃତ ଡାକ୍ତର ଥିବା ବେଳେ ଓଡ଼ିଶାରେ ଅଛନ୍ତି ୨୨,୫୨୧। ତେବେ ଆନ୍ଧ୍ରପ୍ରଦେଶରେ ପଞ୍ଜିକୃତ ଡାକ୍ତରଙ୍କ ସଂଖ୍ୟା ୧ଲକ୍ଷ ୫୮୭ ଥିବାବେଳେ ପଶ୍ଚିମବଙ୍ଗରେ ୭୨,୦୧୬, ବିହାରରେ ୪୦,୬୪୯, ଛତିଶଗଡ଼ରେ ୮୭୭୧ ଓ ଝାଡ଼ଖଣ୍ଡରେ ୫୭୬୪ ଜଣ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ସେହିଭଳି ବିଜେଡି ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ ରାଜ୍ୟର ସ୍ୱାସ୍ଥ୍ୟ ସୂଚକାଙ୍କ ୩୫.୯୭ ରହିଛି। ଓଡ଼ିଶା ଦେଶର ୨୧ଟି ବଡ଼ ରାଜ୍ୟମାନଙ୍କରେ ସ୍ଥାନ ପାଇଥିବା ବେଳେ ଏହି ରାଜ୍ୟଗୁଡ଼ିକ ପାଇଁ ମୋଟ ୨୩ଟି ମାନଙ୍କ ରହିଛି। ତେବେ ମନ୍ତ୍ରୀ ଦେଇଥିବା ସୂଚନାନୁଯାୟୀ ସର୍ବଭାରତୀୟ ସ୍ତରରେ ପ୍ରତି ହଜାରେ ଲୋକଙ୍କ ଲାଗି ୦.୮୬ ଜଣ ଡାକ୍ତର ଥିବା ବେଳେ ଓଡ଼ିଶାରେ ଏହି ହାର ୦.୫୧ ରହିଛି। ତେବେ ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ପ୍ରତି ହଜାରେ ଲୋକଙ୍କ ପାଇଁ ୧.୯୨ ଜଣ ଡାକ୍ତର ଥିବାବେଳେ ପଶ୍ଚିମବଙ୍ଗରେ ଏହା ୦.୭୪ ଜଣ ଡାକ୍ତର ରହିଛନ୍ତି। ତେବେ ବିହାରରେ ହଜାରେ ଲୋକଙ୍କ ପାଇଁ ୦.୩୪ ଡାକ୍ତର ଥିବା ବେଳେ ଝାଡ଼ଖଣ୍ଡରେ ୦.୧୫ ଓ ଛତିଶଗଡ଼ରେ ଏହି ହାର ୦.୩୦ ରହିଛି। ଏହି ସୂଚନାନୁଯାୟୀ ଦେଶରେ ମୋଟ୍ ୧୧,୫୪,୬୮୬ ଜଣ ପଞ୍ଜିକୃତ ଡାକ୍ତର ଥିବା ବେଳେ ଓଡ଼ିଶାରେ ଅଛନ୍ତି ୨୨,୫୨୧। ତେବେ ଆନ୍ଧ୍ରପ୍ରଦେଶରେ ପଞ୍ଜିକୃତ ଡାକ୍ତରଙ୍କ ସଂଖ୍ୟା ୧ଲକ୍ଷ ୫୮୭ ଥିବାବେଳେ ପଶ୍ଚିମବଙ୍ଗରେ ୭୨,୦୧୬, ବିହାରରେ ୪୦,୬୪୯, ଛତିଶଗଡ଼ରେ ୮୭୭୧ ଓ ଝାଡ଼ଖଣ୍ଡରେ ୫୭୬୪ ଜଣ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ସେହିଭଳି ବିଜେଡି ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ ରାଜ୍ୟର ସ୍ୱାସ୍ଥ୍ୟ ସୂଚକାଙ୍କ ୩୫.୯୭ ରହିଛି। ଓଡ଼ିଶା ଦେଶର ୨୧ଟି ବଡ଼ ରାଜ୍ୟମାନଙ୍କ ଶ୍ରେଣୀରେ ସ୍ଥାନ ପାଇଥିବା ବେଳେ ଏହିରାଜ୍ୟମାନଙ୍କ ପାଇଁମୋଟ ୨୩ଟିମାନଙ୍କ ରହିଛି।





EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୨ - ୦୮ ମାର୍ଚ୍ଚ, ୨୦୨୦

# ତିଷ୍ଠି ରହିବା ନିଶ୍ଚୟ କଷ୍ଟକର

ବର୍ତ୍ତମାନ ସମାଜରେ ମଣିଷ ନିଜକୁ ବଡ ଦେଖାଇବାକୁ ଯାଇ ଯେକୌଣସି ପ୍ରକାର ଅନ୍ୟାୟର ଆଶ୍ରା ନେବାକୁ ଅନୁଚିତ ମଣୁନାହିଁ। ପ୍ରାପ୍ତି ଠାରୁ ଅଧିକ ପାଇବାର ଲୋଭ ମଣିଷକୁ ଏଭଳି ମୋହାଚ୍ଛନ୍ନ କରିଦେଇଛି ଯେ, ଯେଉଁଥିରେ ସେ ନିଜର ଅତୀତକୁ ଯେଭଳି ସମ୍ପୂର୍ଣ୍ଣ ପାଶୋରି ଯାଉଛି। ଶାନ୍ତିପୂର୍ଣ୍ଣ ଜୀବନଯାପନ ଓ ଅନ୍ୟକୁ ଭଲ ପାଇବାର ଆବଶ୍ୟକତାକୁ ଭୁଲି ଅହଂକାରର ବଶବର୍ତ୍ତି ହୋଇ ଦିନକୁ ଦିନ ଅଧିକରୁ ଅଧିକ ରୁକ୍ଷ ହୋଇପଡିବା ସହିତ ଅନ୍ୟାୟୋଚିତ ଭାବେ କିଭଳି ଅଧିକ ସମ୍ପତ୍ତି ଆହରଣ କରିହେବ ସେହି ଚିନ୍ତାରେ ବ୍ୟସ୍ତ ରହୁଛି। ଫଳସ୍ୱରୂପ ବନ୍ଧୁତାରେ ଫାଟ, ପରିବାରରେ ଅଶାନ୍ତି ଓ ସମାଜରେ କଳୁଷିତ ଅଧ୍ୟାୟମାନେ ସୃଷ୍ଟି ହୋଇଚାଲିଛି। ବସ୍ତୁବାଦର ମୋହ ମଣିଷକୁ ଏଭଳି ଅହଂକାରୀ କରିଦେଇଛି ଯେ, ସେ ଆଉ ପାପ-ପୁଣ୍ୟ ଓ ଭଲ-ମନ୍ଦର ପାର୍ଥକ୍ୟ ବାରିପାରୁନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏହାକୁ ନେଇ ନାନା ପ୍ରକାର ବିବାଦ ମୁଣ୍ଡ ଟେକୁଥିଲେ ବି ଅନ୍ୟାୟ କରୁଥିବା ଲୋକ ମଥାନତ କରିବାକୁ ଆଦୌ ଆଗଭର ହେଉନହିଁ। ପରିଣାମ ଯାହା ହେଉନା କାହିଁକି ନିଜର ଅସ୍ତିତ୍ୱ ଜାହିର କରିବାକୁ ରକ୍ତପାତର ଆବଶ୍ୟକ ପଡିଲେ ବି ସେ କୁଣ୍ଠାପ୍ରକାଶ କରୁନାହିଁ। ଯେଉଁଥିପାଇଁ ଦିନକୁ ଦିନ ଅସ୍ଥିରତା ବୃଦ୍ଧି ପାଇବା ସହିତ ମଣିଷ ମଣିଷ ଭିତରେ ଅବୁଝାମଣାର ବିଶାଳ ପାଚେରୀ ଠିଆ ହୋଇଯାଉଛି। ମଣିଷ ଭୁଲିଯାଉଛି ଯେ, ଜୀବନ ଗୋଟେ ଈଶ୍ୱରୀୟ ସତ୍ତା ଓ ଈଶ୍ୱରଙ୍କ ଦାନ। ନିଜେ ସବୁକିଛି କରିପାରିବାର ଦକ୍ଷତା ଦେଖାଇବାକୁ ଯାଇ ଯେଉଁ ଦମ୍ଭପଣରେ ମଣିଷ ଅନ୍ୟକୁ ମାଡିମକଚି ଆଗକୁ ବାଟ ଚାଲିବାର ସ୍ୱପ୍ନ ଦେଖୁଛି ତାହା ଦୀର୍ଘସ୍ଥାୟୀ ହୋଇନଥିଲେ ବି ଏକଥା ପ୍ରତି କାହାର ନିଘା ନାହିଁ। ପୂର୍ବକାଳେ ମଣିଷଙ୍କ ନିକଟରେ ଆର୍ଥିକ ଦୂରାବସ୍ଥା ଥିଲା ବେଳେ ବର୍ତ୍ତମାନ ଏହା ଦୂର ହୋଇପାରିଛି। ମାତ୍ର ସେତେବେଳେ ମଣିଷ ମନରେ ଥିବା ଭଲପାଇବା ଆଜିର ମଣିଷ ପାଖରେ ନାହିଁ। ଯାହା ଦେଖାଯାଉଛି କାହାର କାହା ପ୍ରତି ଭଲ ପାଇବା ଓ ସମବେଦନା ନଥିବା ଫଳରେ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବଢୁଛି ଓ ସଂସାରରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଚାଲିଛି। ସେତବେଳର ମଣିଷ ଦେବସ୍ୱ, ରାଜସ୍ୱ ଓ ବ୍ରହ୍ମସ୍ୱକୁ ହଡପ କରୁନଥିଲା ବେଳେ ବର୍ତ୍ତମାନର ସ୍ୱାର୍ଥୀ ମଣିଷ ଏହାକୁ ନିସଙ୍କୋଚରେ ହଡପ କରିଚାଲିଛି। ଏଥିପାଇଁ ନିଜ ଭିତରେ କୌଣସି ପ୍ରକାର ପ୍ରତିକ୍ରିୟା ଦେଖାଯାଉନାହିଁ। ସମ୍ପ୍ରତି ସମାଜ ଏଭଳି ଏକ କଳୁଷିତ ସମୟ ଦେଇ ଗତି କରୁଛି ଯେ, ଯେଉଁଥିରେ ପାରିବାରିକ ସମ୍ପର୍କ ଫଟା ଦର୍ପଣ ପରି ଭଗ୍ନଚିତ୍ର ଦର୍ଶାଇ ଚାଲିଛି। ସ୍ନେହ-ପ୍ରେମ-କରୁଣାର ଅମୃତ ଧାରା ସତେ ଯେଭଳି ଆଉ ବହୁନାହିଁ। ପାପ ପଙ୍କରେ ଘାଣ୍ଟି ହୋଇ ଜୀବନକୁ ଦୁର୍ବିସହ କରିବାକୁ ମଣିଷ ନିଜେ ନିଜକୁ ପ୍ରସ୍ତୁତ କରିଚାଲିଛି। ଏଥିପାଇଁ ଆଦୌ କାହା ମନରେ ଅନୁଶୋଚନା ନାହିଁ। ଅନ୍ୟର କ୍ଷତି କରି ଉଚ୍ଚ ସ୍ୱରରେ ହସ ପ୍ରକଟ କରୁଥିବା ମଣିଷଟି ସତେଯେମିତି ପଶୁତ୍ୱର ଆବାହନରେ ନିଜକୁ ବଳିଯାନ କରୁଛି। କାଳେ କାଳେ ସତ୍ୟ ଓ ଧର୍ମର ଜୟ ହେଉଥିଲା ବେଳେ ଏହି ଧାରାରେ ଏବେ କିଏ ରୋକ୍ ଲଗାଇ ଦେଲା ଭଳି ମନେ ହେଉଛି। ପୀଡିତ ନ୍ୟାୟ ପାଇବା ବଦଳରେ ଲାଞ୍ଛିତ ଓ ଉପହାସିତ ହୋଇଚାଲିଛି। ଅନାବଶ୍ୟକ ଖର୍ଚ୍ଚ ଉପରେ ରୋକ ଲଗାଇବା କଥାଟିକୁ ସମସ୍ତେ ଭୁଲିଗଲା ଭଳି ମନେହୁଏ। ମଣିଷ ମନର ଆଶକ୍ତି ଯୋଗୁ ଆଜି ସମାଜ ବିପଥଗାମୀ ହୋଇପଡିଛି। ଏଥିରୁ ନିସ୍ତାର ପାଇବା ପାଇଁ କେହି ଜଣେ ହେଲେ ବାଟ ଖୋଜୁ ନାହାନ୍ତି।

ସମ୍ପାଦକୀୟ



ତାରକ ମହାନ୍ତି

ଆଜିକାଲିର ମଣିଷ ହିତବାଣୀକୁ ଆଦୌ ଗୁରୁତ୍ୱ ନଦେଇ ନିଜର ସ୍ୱାର୍ଥ ହାସଲ ପାଇଁ ଯାହା ଯାହା କରିବାର ଆବଶ୍ୟକତା ରହିଛି ତାହା ଆପଣାଇ ନେଉଛି। ପ୍ରତ୍ୟେକ କଥାରେ ଅନ୍ୟଠୁ ଟଙ୍କା ହଡପ କରିବା ଚିନ୍ତା ମଣିଷକୁ ଏଭଳି ଗ୍ରାସ କରିଛି ଯେ, ନିଜ ଶ୍ରମ ଦେଇ ସେ ରାସ୍ତାକଡରେ ଗଛଟିଏ ଲଗାଇବାକୁ ମଧ୍ୟ ଉଚିତ୍ ମଣୁନାହିଁ। ଯାହା ପ୍ରକୃତି ପ୍ରତି ମଣିଷର ଅନାଦର ଭାବର ସୂଚନା। ବାହ୍ୟ ଆବରଣରେ ସଜ୍ଜିତ ହୋଇ ସମସ୍ତେ ନିଜକୁ ଜଣେ ଜଣେ ସମ୍ରାଟ ମନେ କରୁଛନ୍ତି। ହେଲେ ସମ୍ରାଟ ହେବା ପାଇଁ ଯେଉଁ ଯୋଗ୍ୟତାର ଆବଶ୍ୟକତା ରହିଛି ତାହା ନିଜ ପାଖରେ ରହିଛି କି ନାହିଁ ତା'ର ପରୀକ୍ଷା ନିରୀକ୍ଷା ଆଦୌ ହେଉନାହିଁ। ତେଣୁ ଅଯୋଗ୍ୟ ଲୋକଙ୍କ ପାଖରେ ସବୁପ୍ରକାର କ୍ଷମତା ରହିବା ଦ୍ୱାରା ସିଏ ସମାଜର ମଙ୍ଗଳ କରିବା ବଦଳରେ ନିଜର ହିତ କରିଚାଲିଛି। ଏହାଦ୍ୱାରା ସାର୍ବଜନୀନ ସ୍ୱାର୍ଥ ବ୍ୟାହତ ହୋଇପଡୁଛି। ଶୃଙ୍ଖଳା ଓ ନୀତିପୂର୍ଣ୍ଣ ଜୀବନଯାପନ ମଣିଷର ଧ୍ୟେୟ ହୋଇଥିଲା ବେଳେ ନିଜର ଜରାଗ୍ରସ୍ତ ମନ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୁରୁଜନଙ୍କ କଥା ଲଘୁଜନଙ୍କ ଦେହରେ ମଧ୍ୟ ଯାଉନାହିଁ। ପ୍ରତି ପ୍ରସଙ୍ଗରେ ନିଜର ଅହଂକାର ସାବ୍ୟସ୍ତ କରିବାକୁ ମଣିଷ ମଣିଷ ଭିତରେ ଏକପ୍ରକାର ଲଢ଼େଇ ଚାଲିଛି। ବେଳେବେଳେ ଏହା ହିଂସ୍ର ଓ ଉଗ୍ରରୂପ ଧାରଣ କରିବା ଫଳରେ ଏଥିରୁ ଯେଉଁ ନିଆଁ ଉତ୍ପନ୍ନ ହେଉଛି ତଦ୍ୱାରା ସମାଜ କ୍ଷତି ସହିବାକୁ ବାଧ୍ୟ। ପରିବର୍ତ୍ତିତ ପରିସ୍ଥିତି ପରିବାର ଭିତରେ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ରହୁନାହିଁ। ପରିବାର ଅନୁସାରେ ଗ୍ରାମ, ସହର, ରାଜ୍ୟ ଓ ଦେଶକୁ ଏହା ବ୍ୟାପିଚାଲିଛି ଯେମିତି। ଏଭଳି ଆଉ କିଛି ମଣିଷ ଅଛନ୍ତି ଯେଉଁମାନେ ନିଜେ ଉପାର୍ଜନ ନକରି ଅନ୍ୟର ଉପାର୍ଜନ ଉପରେ ନିର୍ଭରଶୀଳ ରହୁଛନ୍ତି। ଯାହା ପାରିବାରିକ ପ୍ରଗତିରେ ନକାରାତ୍ମକ ଚିତ୍ର ସୃଷ୍ଟି କରୁଛି। କର୍ମଠ, ଧୈର୍ଯ୍ୟଶୀଳ ଓ ସତ୍ୟବାନ ହେବା ବଦଳରେ ଯେତେବେଳେ ମଣିଷ ଖଣ୍ଟ ପ୍ରବୃତିକୁ ଆପଣାଇ ନେଇ ନିଜର ପତିଆରା ବୃଦ୍ଧି କରିବା ସହିତ ଦାରିଦ୍ର୍ୟକୁ ଲୁଚାଇବା ପାଇଁ ଚେଷ୍ଟା କରେ ସେତେବେଳେ ଅସନ୍ତୋଷ ଆପେ ଆପେ କୁହୁଳିଉଠେ। ବିଶ୍ୱାସକୁ ନେଇ ତିଷ୍ଠୁଥିବା ବନ୍ଧୁତାରେ ମଧ୍ୟ କଳଙ୍କ ଦେଖାଗଲାଣି। ପୂର୍ବ ଭଳି ବନ୍ଧୁ ବନ୍ଧୁ ଭିତରେ ସୁସମ୍ପର୍କ ରହୁନାହିଁ। ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ଫଳରେ ସମାଜର ହିତ ହେବା ବଦଳରେ ଅନେକ ଅହିତକର ପରିସ୍ଥିତି ଉପୁଜୁଛି। କେଉଁଠି ବିଦ୍ରୋହ ହେଉଛି ତ ଆଉ କେଉଁଠି ଦୁର୍ବଳ ଲୋକଟିଏ ନିଜକୁ ନିର୍ଯାତିତ ମନେକରି ଦୁଃଖ ଯନ୍ତ୍ରଣା ଭିତରେ କାଳାତିପାତ କରୁଛି। ଅଥଚ ଅତୀତର ପୃଷ୍ଠା ରୋମନ୍ଥନ କଲେ ଜଣାପଡେ ଯେ, ଯେଉଁ ବନ୍ଧୁତାକୁ ନେଇ ଗର୍ବ କରାଯାଉଥିଲା ତାହା ଆଜି କେବଳ ସ୍ୱାର୍ଥ ପାଇଁ ଜଳିପୋଡି ପାଉଁଶ ହୋଇଯାଉଛି। ସମସ୍ତଙ୍କ ଭିତରେ ଗୋଟେ ଅବୁଝାମଣାର ପାହାଡ ସୃଷ୍ଟି ହେବା ଦ୍ୱାରା ଏଥିରୁ ଭାଇଚାରାର ସନ୍ଦେଶ ମିଳିପାରୁନାହିଁ। ତେବେ ଈଶ୍ୱର ମଣିଷକୁ ସୃଷ୍ଟି କରିଥିଲେ କାହିଁକି। ଯେଉଁଠି ସ୍ନେହ, ପ୍ରେମ, ଆଦର ବଞ୍ଚୁନାହିଁ ସେଠାରେ ପ୍ରକୃତି ବଞ୍ଚିବ କେମିତି। ପ୍ରକୃତିକୁ ନେଇ ମଣିଷ ଜୀବନଧାରଣର ସବୁପ୍ରକାର ଉପାଦାନ ପାଉଥିଲେ ବି ତା' ପ୍ରତି ସତେଯେମିତି ଉପେକ୍ଷା କରିଚାଲିଛି। ଫଳସ୍ୱରୂପ ବୃକ୍ଷ, ଲତା, ପଶୁ,ପକ୍ଷୀ ସବୁ ଯେମିତି କମି କମି ଚାଲିଛନ୍ତି। ଏମିତିକି ଅନେକ ପ୍ରକାର ଉଦ୍ଭିଦ ଓ ଜୀବଜନ୍ତୁ ବିଲୁପ୍ତପ୍ରାୟ ହୋଇଗଲେଣି। ତେଣୁ ମଣିଷର ତ୍ରୁଟି ଯୋଗୁ ପ୍ରକୃତିର ଅବକ୍ଷୟ ହୋଇଚାଲିଛି। ଯେପର୍ଯ୍ୟନ୍ତ ମଣିଷ ସଚେତନ ନହୋଇଛି ସେ ପର୍ଯ୍ୟନ୍ତ ସମାଜ ଭଲରେ ତିଷ୍ଠି ରହିବା ନିଶ୍ଚୟ କଷ୍ଟକର।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୁକ୍ତ ବାଣିଜ୍ୟରେ ବିଫଳତା



ସୌମେନ୍ଦ୍ର ଜେନା

ନିକଟରେ ଜାପାନ ସରକାର କହିଛନ୍ତି ଯେ ଆସିଆନ୍ ଦେଶଗୁଡିକ ମଧ୍ୟରେ ମୁକ୍ତ ବାଣିଜ୍ୟ ନିମନ୍ତେ ହେବାକୁ ଥିବା ଆର୍‌ସିଇପି ଚୁକ୍ତିରେ ଭାରତ ସାମିଲ ନହେଲେ ଜାପାନ ସେଥିରୁ ଓହରିଯିବ। ସମ୍ଭବତଃ ଜାପାନ ସହ ଅଷ୍ଟ୍ରେଲିଆ ମଧ୍ୟ ଏହି ଚୁକ୍ତିରେ ନ ରହିପାରେ। ଯଦିଓ ଚୁକ୍ତି ଯୋଗୁ ଜାପାନ ଏବଂ ଅଷ୍ଟ୍ରେଲିଆର ଲାଭ ହେବାର ସମ୍ଭାବନା ରହିଛି। କିନ୍ତୁ ଚୀନର ପ୍ରଭୁତ୍ୱ ବୃଦ୍ଧି ଏମାନଙ୍କ ପାଇଁ କଷ୍ଟକର ହେବ। ବାଣିଜ୍ୟିକ ଦୃଷ୍ଟିରୁ ଦେଖିଲେ ଏହି ଗୋଷ୍ଠୀରେ ଚୀନର ସ୍ୱାର୍ଥ ସର୍ବାଧିକ ରହିବ। କାରଣ ଚୀନ ତୁଳନାରେ ଅନ୍ୟ ଦେଶଗୁଡିକର ଉତ୍ପାଦନ କମ୍ ରହିଛି। ଏହି ଚୁକ୍ତି ହେଲେ ଜାପାନର ରପ୍ତାନୀ କିଛିକାଂଶରେ ବୃଦ୍ଧିହୋଇପାରେ। କିନ୍ତୁ ଆମଦାନୀ ପରିମାଣ ବଢିଯିବାର ସମ୍ଭାବନା ରହିଛି। ଚୁକ୍ତି ପରେ ଚୀନମାଲକୁ ଜାପାନରେ ବିକ୍ରି ପାଇଁ ବଜାର ଖୋଲା କରିବାକୁ ହେବ। ତେଣୁ ଆର୍‌ସିଇପିରେ ଏକ ସନ୍ତୁଳିତ ବାଣିଜ୍ୟିକ ସ୍ଥିତି ଆବଶ୍ୟକ ହେଉଥିବା ସମୟରେ ଚୀନର ଅନେକଗୁଡିଏ ଦେଶ ସହ ବାଣିଜ୍ୟିକ ଅସନ୍ତୁଳନ ରହୁଛି, ଯାହାକୁ ନେଇ ଛୋଟ ଦେଶଗୁଡିକ ଚିନ୍ତିତ ରହିଛନ୍ତି। ଭାରତ ପାଇଁ ୧୫ଟି ଆରସିଇପି ଦେଶ ଫେବୃଆରୀ ୨୦୨୦ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ଚୁକ୍ତିରେ ସ୍ୱାକ୍ଷରପାଇଁ ମନସ୍ଥିତି ସଜାଡିବାକୁ। ତେବେ ଆରସିଇପି ଗୋଷ୍ଠୀରେ ଆସିଆନର ୧୦ଦେଶ ବ୍ରୁନେଇ, କାମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ, ମାଲେସିଆ, ଫିଲିପାଇନ୍ସ,ସିଙ୍ଗାପୁର, ମ୍ୟାନମାର, ଥାଇଲାଣ୍ଡ, ଭିଏତନାମ ରହିଛନ୍ତି। ଏହାଛଡା ମୁକ୍ତ ବାଣିଜ୍ୟ ନୀତିରେ ଥିବା ୫ଟି ବଡ ଦେଶ ଚୀନ, ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ରହିଛନ୍ତି। ଗତବର୍ଷ ନଭେମ୍ବର ମାସରେ ସକାରାତ୍ମକ ଆଲୋଚନାର ଅଭାବ ଲକ୍ଷ୍ୟ କରି ଭାରତର ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଆର୍‌ସିଇପି ବୁଝାମଣାରେ ଏହାର ମୂଳ ନୀତି ଓ ଆଦର୍ଶ ପରିଲକ୍ଷିତ ହେଉନାହିଁ। ଏଥିରେ ଭାରତର ଚିନ୍ତାକୁ ନେଇ ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେଣୁ ବର୍ତ୍ତମାନରେ ପରିସ୍ଥିତିରେ ଭାରତ ଏହି ବୁଝାମଣାରେ ସାମିଲ ହେବା ସମ୍ଭବ ନୁହେଁ।

ଦେଖିବାକୁ ଗଲେ ନଭେମ୍ବର ୨୦୧୨ରେ କାମ୍ବୋଡିଆଠାରେ ଅନୁଷ୍ଠିତ ଆସିଆନ ସମ୍ମିଳନୀରେ ଆର୍‌ସିଇପି ଆଲୋଚନା ଆରମ୍ଭ ହୋଇଥିଲା। ୨୦୧୨ବେଳକୁ ଏହି ଗୋଷ୍ଠୀର ଦେଶ ସଂଖ୍ୟା ୧୬ରେ ପହଞ୍ଚିଥିଲା। ସେତେବେଳକୁ ଜାପାନ, ଦକ୍ଷିଣ କୋରିଆ ଏବଂ ଆସିଆନ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିସାରିଥିଲା। ଏହି ବୁଝାମଣାକୁ ନେଇ ସୁବିଧା ହାସଲ ପାଇଁ ଭାରତରେ ଋଷୀ ସଂଗଠନ ଓ କେତେକ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶ୍ନ ଉଠିଥିଲା। ଏଥିଲେ ସାମିଲ ହେଲା ବେଳେ କେତେକଙ୍କ ଯୁକ୍ତିଥିଲା ଯେ ଭାରତ ଆର୍ଥିକ ଦୃଷ୍ଟିରୁ ଏଥିରୁ ଫାଇଦା ନେଇପାରିବ, ଆଞ୍ଚଳିକ ବାଣିଜ୍ୟଧାରାରେ ଭାରତ ସାମିଲ ହୋଇପାରିବ, ଅଂଶୀଦାର ମଧ୍ୟ ହେବ। କିନ୍ତୁ ଏଥିରୁ କୌଣସିଟିରେ ଭାରତର ଲାଭ ହେଲା ନାହିଁ। ଆଶା ତୁଳନାରେ ରପ୍ତାନୀ ବହୁତ କମ୍ ହେଲା। ଅପରପକ୍ଷେ ପଡୋଶୀ ଦେଶଗୁଡିକର ମାଲ ଆସି ସାରା ଭାରତରେ ଖେଳିଗଲା। ଆମଦାନୀ ଶୁଳ୍କ ହ୍ରାସ କରାଯିବା ପରେ ଭାରତକୁ ବାହାର ଦେଶର ବସ୍ତୁ ଆଗମନ ବଢିବାକୁ ଲାଗିଲା। ଫଳତଃ ବର୍ତ୍ତମାନର କେନ୍ଦ୍ର ସରକାର ଏପରି ସ୍ଥିତି ଲକ୍ଷ୍ୟକରି ଏଥିରୁ ବାହାରିବା ପାଇଁ ସୁଯୋଗର ଅପେକ୍ଷାରେ ରହିଥିଲେ।

ଭାରତର ବିରୋଧ ପଛରେ ଇ-କମର୍ସକୁ ଶୁଳ୍କ ମୁକ୍ତ କରିବା ଏକ ବଡ ବିଷୟ ହୋଇଛି। କାରଣ ଆରସିଇପି ଗୋଷ୍ଠୀ ଇ-କମର୍ସକୁ ଶୁଳ୍କମୁକ୍ତ କରିବାକୁ ଯୋଜନା କଲେ ଯାହା ଭାରତ ପାଇଁ କ୍ଷତିକାରକ କାରକ ଥିଲା। ଶୁଳ୍କ ମୁକ୍ତ ଇ-କମର୍ସ ପାଇଁ ଭାରତର ବଜାର ଖୋଲିଥିଲେ ସରକାର ଅନେକ କ୍ଷତି ସହିଥାନ୍ତେ। ଇ -କମର୍ସ କ୍ଷେତ୍ରର ବାଣିଜ୍ୟ ପାଇଁ ଚୁକ୍ତିବଦ୍ଧ ଦେଶ ସୂଚନାର ମୁକ୍ତ ପ୍ରବାହ ପାଇଁ ଅନୁମତି ଦେବେ। କୌଣସି ଦେଶ କମ୍ପାନୀର ସର୍ଭର କେଉଁଠି ରହିବ ସେ ନେଇ ବାଧ୍ୟ କରିବ ନାହିଁ। ଏହି ଦୁଇଟିଯାକ ବିଷୟ ଭାରତର ଜାତୀୟ ଇ-କମର୍ସ ନୀତିର ବିରୋଧ କରୁଛି। ଯାହାକୁ ଗତ ବର୍ଷ ଫେବୃଆରୀ ମାସରେ ପ୍ରସ୍ତୁତ କରାଯାଇଥିଲା। ଏହାଛଡା ଏହି ଆଲୋଚନାରେ ସାମିଲ ହେବାକୁ ଯିବା ବେଳେ ୟୁପିଏ ସରକାର ଅସୁବିଧା ସଂପର୍କରେ ଜଣାଇଥିଲେ ମଧ୍ୟ ଆଲୋଚନା ପରେ ସରକାରଙ୍କ ପକ୍ଷରୁ ସାଧାରଣରେ ସୂଚନା ନଦେଇ ଗୋପନୀୟ ଢଙ୍ଗରେ ହୋଇଥିବା ଆଲୋଚନାକୁ ସନ୍ଦେହ କରାଗଲା। ପ୍ରଥମାବସ୍ଥାରେ ତିନୋଟି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିବା ପରେ ଦେଶର କାରଖାନା ନିର୍ମାଣ କ୍ଷେତ୍ରରେ ନିଯୁକ୍ତି ଆଦି ସମସ୍ୟାର ସମାଧାନ ବାହାରିପାରିନାହିଁ। ଏହି ମୁକ୍ତ ବାଣିଜ୍ୟ ନୀତିରୁ ବେସରକାରୀ କମ୍ପାନୀଗୁଡିକ ଯେତେ ଦୂର ଫାଇଦା ଉଠାଇବା କଥା ତାହା ସମ୍ଭବପର ହୋଇନାହିଁ। ଯେଉଁଥିପାଇଁ ଘରୋଇ ଶିଳ୍ପଗୋଷ୍ଠୀମାନେ ଏହି ଚୁକ୍ତିକୁ ବିରୋଧ କରି ଆସିଥିଲେ। ବିଗତ ଦିନମାନଙ୍କରେ ପାମ୍ ଅଏଲ ବ୍ୟବସାୟକୁ ସମସ୍ତେ ଦେଖିଛନ୍ତି। ଇଣ୍ଡୋନେସିଆ ଓ ମାଲେସିଆର ପାମ୍‌ଅଏଲ ଭାରତରେ ପ୍ରବେଶ କଲାପରେ ସ୍ଥାନୀୟ କମ୍ପାନୀଗୁଡିକ ହାତବାନ୍ଧି ବସିଛନ୍ତି। ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭିନ୍ନ ଭିନ୍ନ ଦେଶର ନୀତି ଏବଂ ପରିବେଶ ଅଲଗା ଥିବାରୁ ଆମ ଦେଶର କମ୍ପାନୀଗୁଡିକ ଅନ୍ୟ ଦେଶର କମ୍ପାନୀଗୁଡିକ ସହ ସକ୍ଷମ ରୂପେ ଲଢିପାରିବେ ଏଥିରେ ବାସ୍ତବତା ନାହିଁ। ଅନ୍ୟ ଦେଶରେ ସେଠାକାର ସରକାର ଯେଉଁସବୁ ସୁବିଧା ନିଜର କମ୍ପାନୀଗୁଡିକୁ ଦେଉଛନ୍ତି ଆମ ସରକାର ସେପରି ଦେଇପାରିବେ ବୋଲି କୁହାଯାଇପାରିବ ନାହିଁ।

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଆସିଆନ-ଆର୍‌ସିଇପି ବୈଠକରେ ମୁକ୍ତ ବାଣିଜ୍ୟ ଚୁକ୍ତିରେ ସାମିଲ ହେବାକୁ ଭାରତ ମନା କରିଦେଇଛି। ଏହାକୁ ନେଇ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧି ମୋଦିଙ୍କୁ ସମାଲୋଚନା କରିଆସୁଥିଲେ। ଅଥଚ କଂଗ୍ରେସ ଶାସନ କାଳରେ ହିଁ ଏହି ଆଲୋଚନାକୁ ଭାରତ ଗ୍ରହଣ କରି ସାମିଲ ହୋଇଥିଲା। ଏଠାରେ କହିରଖିବା କଥା ହେଉଛି ଯେ ଆର୍‌ସିଇପି ଗୋଷ୍ଠୀରେ ଥିବା ଦେଶଗୁଡିକ ସହ ଭାରତର ବାଣିଜ୍ୟିକ କ୍ଷତି ୧୦୫ ବିଲିଅନ୍ ଡଲାରରୁ ଅଧିକ। ଏଥିରେ ଚୀନ ସହ ବାଣିଜ୍ୟରେ ଭାରତର କ୍ଷତିର ପରିମାଣ ସବୁଠୁ ଅଧିକ। ବାଣିଜ୍ୟରେ ଏ ପ୍ରକାର ଅସନ୍ତୁଳନ ଘରୋଇ ଉତ୍ପାଦନକୁ ଅସୁବିଧାରେ ପକାଇବା ସମ୍ଭାବନା ଥିବାରୁ ଭାରତ ଏହି ଚୁକ୍ତିରେ ଏବେ ଅନ୍ତତଃ ସାମିଲ ହେବନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଯଦି ଏହି ଚୁକ୍ତିକୁ ଭାରତ ଗ୍ରହଣ କରିଥାଆନ୍ତା ତେବେ ଦେଶର ଶିଳ୍ପଜଗତ ଅଧିକ କ୍ଷତି ସହିଥାଆନ୍ତେ। ଏଥିରେ ଜଡିତ ହୋଇଥିଲେ ଭାରତକୁ ଅନ୍ୟ ସଦସ୍ୟଭୁକ୍ତ ରାଷ୍ଟ୍ରମାନଙ୍କ ଲାଗି ବଜାର ଖୋଲା କରିବାକୁ ହୋଇଥାନ୍ତା। ଯାହା ଫଳରେ ଚୀନର ଶସ୍ତାମାଲ ସବୁ ଭାରତର ବଜାରରେ ଛାଇ ଯାଇଥାନ୍ତା। ଏବେ ଏମିତି ଚୀନର ମାଲ ଦେଶର ବଜାରରେ ଛାଇ ହୋଇରହିଛି। ଯଦି ସେତକ କଟକଣା ଉଠିଯାଏ ତେବେ ଦେଶର ଅନେକ ଶିଳ୍ପ ଚୀନର ଶସ୍ତାମାଲ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। କାରଣ ଚୀନ ସରକାର ତାଙ୍କ ଦେଶରେ ସେଜ୍ ଅଞ୍ଚଳରେ ଉତ୍ପାଦନ ବଢିବା ପାଇଁ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି। ଏପରିକି ଉତ୍ପାଦିତ ସାମଗ୍ରୀ ଉପରେ କମ ଉତ୍ପାଦନ ଶୁଳ୍କ ନେଉଛନ୍ତି। ଶ୍ରମିକମାନଙ୍କୁ ପ୍ରତିଦିନ କିଛି ଘଣ୍ଟା ପାଇଁ ମାଗଣା ଖଟାଉଛନ୍ତି। ସେମାନଙ୍କ ଉତ୍ପାଦନ ବ୍ୟୟ ତୁଳନାରେ ଭାରତକୁ ଅଧିକ ଉତ୍ପାଦନ ବ୍ୟୟ କରିବାକୁ ହେଉଛି। ଏଠାରେ ଶ୍ରମିକସଂଘର ଦାବି, କାରଖାନାର କାର୍ଯ୍ୟସମୟ ପ୍ରତି ଦୃଷ୍ଟିଦେବା ବେଳେ ଅଧିକ ଦରରେ ଉତ୍ପାଦିତ ବସ୍ତୁ ବିଶ୍ୱ ବଜାରରେ କମ୍ ଖର୍ଚ୍ଚରେ ଉତ୍ପାଦିତ ବସ୍ତୁ ସହ ପ୍ରତିଯୋଗିତା କରିପାରିବ ନାହିଁ,ଏହା ନିରାଟ ସତ୍ୟ କଥା। ଏହି ଚୁକ୍ତିରେ ସଂଶୋଧନ କରାଯିବା ପାଇଁ ଭାରତ ପୂର୍ବରୁ ଦାବି କରିଥିଲା। କିନ୍ତୁ ଭାରତର ଦାବି ନେଇ ସମସ୍ୟାର ସମାଧାନ ନହେବାରୁ ଭାରତ ଚୁକ୍ତିରୁ ବାହାରେ ରହିବାକୁ ନିଷ୍ପତ୍ତି ନେଲା। ତେବେ ଭାରତକୁ ବାଦ ଦେଲେ ଅନ୍ୟ ୧୫ଟି ସଦସ୍ୟ ରାଷ୍ଟ୍ର ଏହି ଚୁକ୍ତିରେ ଆଗାମୀ ଦିନରେ ସ୍ୱାକ୍ଷର କରିବେ। ଗତ ଆର୍ଥିକ ବର୍ଷରେ ୧୦୫ ବିଲିଅନ ଡଲାର ବାଣିଜ୍ୟିକ ଅସନ୍ତୁଳନ ସାମନା କରିଥିବା ଭାରତ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ଆସିଆନ୍ ଗୋଷ୍ଠୀର ୧୦ଦେଶ ସମେତ ଚୀନ, ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ଏହି ଗୋଷ୍ଠୀରେ ରହିଛନ୍ତି। ତେବେ କେବଳ ଚୀନ ସହ ଭାରତର ବାଣିଜ୍ୟିକ ଅସନ୍ତୁଳନ ୫୦ ବିଲିଅନ ଡଲାର ରହିଛି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଯାହା କୁହାଯାଇଛି ଯେ ୨୦୦୭ରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲାବେଳେ ଚୀନ ସହ ମୁକ୍ତ ବାଣିଜ୍ୟ କାରବାର ନେଇ ଆଲୋଚନା ହୋଇଥିଲା। ୨୦୧୧-୧୨ରେ ଭାରତ ଆର୍‌ସିଇପି ଗୋଷ୍ଠୀରେ ସାମିଲ ହୋଇଥିଲା। ଯେଉଁଥିପାଇଁ ୨୦୦୪ରେ ଏହି ଗୋଷ୍ଠୀର ଦେଶଗୁଡିକ ସହ ବାଣିଜ୍ୟିକ ନିଅଣ୍ଟ ୭ ବିଲିଅନ ଡଲାରରୁ ବଢି ୨୦୧୪ ବେଳକୁ ୭୮ ବିଲିଅନରେ ପହଞ୍ଚିଥିଲା। ଚଳିତବର୍ଷ ଭିଏତନାମରେ ହେବାକୁ ଥିବା ବୈଠକ ବେଳକୁ ସମାଧାନର ସୂତ୍ର ବାହାରିପାରେ ବୋଲି ଆଶା କରାଯାଉଛି। ଏହି ଆଲୋଚନା କାଳରେ ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ଆଲୋଚନା ଆମେରିକାର ବାଣିଜ୍ୟିକ ସ୍ୱାର୍ଥ ପାଇଁ ପ୍ରତିବନ୍ଧକ ସୃଷ୍ଟି କରାଯାଉଥିବା ଏବଂ ନିର୍ଦ୍ଦିଷ୍ଟ ସଦସ୍ୟ ରାଷ୍ଟ୍ର ଆମେରିକା ରପ୍ତାନୀକାରୀଙ୍କ ପାଇଁ ସୁବିଧା ଦେବାକୁ ଋହୁଁଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଭାରତ ବିରୋଧରେ ହୋଇଥିଲା। ରେଜିଓନାଲ କମ୍ପ୍ରିହେନସିଭ ଇକୋନୋମିକ୍ ପାର୍ଟନରସିପ୍ ଗୋଷ୍ଠୀର ୧ ନଭେମ୍ବର ଦିନ ହୋଇଥିବା ଆଲୋଚନାରେ ଭାରତ କେତେକ ବସ୍ତୁ ଉପରୁ ଶୁଳକ ହ୍ରାସ କରିବାକୁ ମନା କରିବାକୁ ଆଲୋଚନା ସଫଳ ହୋଇପାରି ନଥିଲା। ଏହି ଆଲୋଚନା ଚୀନ ସପକ୍ଷରେ ଯାଉଥିବା ଦେଖି ଭାରତ ଆଦୌ ସନ୍ତୁଷ୍ଟ ହୋଇନଥିଲା। କାରଣ ଜାପାନ, ଅଷ୍ଟ୍ରେଲିଆ ନିଉଜିଲାଣ୍ଡ ଏବଂ ସିଙ୍ଗାପୁର ପରି ଦେଶକୁ ଏଥିରୁ ଲାଭ ମିଳିବାକୁ ଥିଲାବେଳେ ଅନ୍ୟ ଛୋଟ ଛୋଟ ଦେଶଗୁଡିକ ଚୀନ ପାଇଁ ବଜାର ଖୋଲିବାକୁ ବାଧ୍ୟ ହେବେ। ବାସ୍ତବରେ ସେହିସବୁ ଦେଶଗୁଡିକର କିଛି ଲାଭ ହେବନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆମେରିକାର ମାର୍ଶାଲ ଯୋଜନା ଏବଂ ରୁଷିଆର କୋମକୋନ ଯୋଜନାରେ ପୃଥିବୀ ଦୁଇଟି ବାଣିଜ୍ୟିକ ଗୋଷ୍ଠୀରେ ସାମିଲ ହେବା ପରି ପରିସ୍ଥିତି ସୃଷ୍ଟି ହେବା ପରି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି, ଯାହା ଭାରତ ସମେତ ଅନେକ ଦେଶପାଇଁ ଭଲ ନୁହେଁ। ତେଣୁ ଆର୍‌ସିଇପି ଗୋଷ୍ଠୀରୁ ଓହରିଆସି ଭାରତ ଠିକ୍ କରିଛି ବୋଲି ଅନେକଙ୍କ ମତ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ରାଜ୍ୟସଭା ରେସ୍ : ନବୀନ ଖେଳିବେ ମହିଳା କାର୍ଡ଼



ବାଦଲ ଭୂୟାଁ

ଓଡ଼ିଶା କୋଟାରୁ ରାଜ୍ୟସଭାକୁ ଚାରି ଜଣ ନିର୍ବାଚିତ ହେବାକୁ ଯାଉଛନ୍ତି। କାରଣ ଆଗାମୀ ଦିନରେ ରାଜ୍ୟସଭା ନିମିତ୍ତ ଚାରୋଟି ସିଟ ଖାଲିପଡୁଛି। ବିଧାୟକଙ୍କ ସଂଖ୍ୟା ଶକ୍ତି ଯାହା ବିଜେଡ଼ି ଆରାମରେ ତିନୋଟି ସିଟକୁ ଅକ୍ତିଆର କରିପାରିବ। କିନ୍ତୁ ଚତୁର୍ଥ ସିଟକୁ ନେଇ ଶଂସୟ ଆରମ୍ଭ ହୋଇଯାଇଛି। ବିଜେଡ଼ିରୁ ଟାଣୁଆ, ଦକ୍ଷ ଓ ଗତ ନିର୍ବାଚନରେ ହାରି ରାଜ୍ୟସଭୁ ମୁଆଁକୁ ଚାହିଁ ବସିଥିବା କିଛି ନେତା ଏପରି ମିଶିଲେ ୧୦୦ଜଣ ଅପେକ୍ଷା କରିଛନ୍ତି। ଆସନ୍ତା ଏପ୍ରେଲରେ ବିଜେଡ଼ିର ନରେନ୍ଦ୍ର ସ୍ୱାଇଁ ଓ ସରୋଜିନୀ ହେମ୍ବ୍ରମ୍ ସେହିପରି କଂଗ୍ରେସର ରଣଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ସରୁଛି। ରାଜ୍ୟ ସଭା ସଂସାଦ ପଦରୁ ଇସ୍ତଫା ଦେଇ ଲୋକସଭାକୁ ଯାଇଥିବା ଅଭିନେତା ସାଂସଦ ଅନୁଭବ ମହାନ୍ତିଙ୍କ ଆସନ ମଧ୍ୟ ଖାଲି ପଡ଼ିଛି। ବିଜେଡ଼ି ଜିତିବା ପରେ ଶେଷ ଚତୁର୍ଥ ଆସନ ପାଇଁ ବିଜେଡ଼ିକୁ ସାତ ଜଣ ସଭ୍ୟଙ୍କ ସମର୍ଥନ ଦରକାର ପଡୁଛି। ସେହିପରି ୨୩ ବିଧାୟକ ଥିବା ବିଜେପିକୁ ମଧ୍ୟ ଗୋଟିଏ ଆସନ ଜିତିବାକୁ ୭ଜଣ ବିଧାୟକଙ୍କ ସମର୍ଥନ ଲୋଡ଼ା ହେଉଛି। ଆଉ ବଡ଼ ଦଳ କୁହାଯାଉଥିବା କଂଗ୍ରେସ ହାତରେ ପ୍ରାର୍ଥୀ ଛିଡ଼ା କରାଇବାକୁ ନିଜ ହାତରେ ଆବଶ୍ୟକୀୟ ସଂଖ୍ୟା ମଧ୍ୟ ନାହିଁ। କେନ୍ଦ୍ରର ମୋଦି-ଶାହା ଯୋଡ଼ି ଗତ ଥର ପରି ଗୋଟିଏ ରାଜ୍ୟସଭା ଆସନ ଓଡ଼ିଶାରୁ ନେଇପାରନ୍ତି ବୋଲି ଅନୁମାନ କରାଯାଉଛି।

ଗତ ନିର୍ବାଚନ ବେଳେ ପ୍ରସନ୍ନ ପାଟ୍ଟଶାଣୀ ଓ ରମେଶ ଚନ୍ଦ୍ର ଚାଉପଟ୍ଟନାୟକଙ୍କୁ ରାଜ୍ୟସଭା ଟିକେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବର୍ତ୍ତମାନ ସମୟରେ ଅନେକଙ୍କ ନାଁ ମଧ୍ୟ ଉଠୁଛି। ତେବେ କେନ୍ଦ୍ରର ମହିଳା ବିଲ୍‌କୁ ଅକୁଣ୍ଠ ସମର୍ଥନ ଦେଇଥିବା ଓ ଓଡ଼ିଶାରେ ସ୍ୱୟଂ ସହାୟିକା ସଙ୍ଗଠନର ମହିଳା ମାନଙ୍କୁ ସମ୍ମାନିତ କରିବା ପାଇଁ ଓଡ଼ିଶାର ବିଜେଡ଼ି ସରକାର କେବଳ ମହିଳା ମାନଙ୍କ ପାଇଁ ଅନେକ ବିକାଶ, କଲ୍ୟାଣମୂଳକ ଯୋଜନା ହାତକୁ ନେଉଛନ୍ତି। କହିବାକୁଗଲେ ଓଡ଼ିଶା ବିଜେଡ଼ିର ବଡ଼ ଭୋଟପୁଞ୍ଜି ମହିଳାମାନେ। ଓଡ଼ିଶାରେ ଘରେ ଘରେ ନବୀନ ବାବୁଙ୍କ ଲୋକପ୍ରିୟତା ବେଶ ଗ୍ରହଣୀୟ ହୋଇଛି। ଗତ ଲୋକସଭା ନିର୍ବାଚନରେ ଆସିକା ସିଟରେ ଜଣେ ସ୍ୱୟଂ ସହାୟିକା ସଙ୍ଗଠନର ମହିଳା ନେତ୍ରୀଙ୍କୁ ଲୋକସଭା ପଠାଇ ନବୀନ ବାବୁ ସମଗ୍ର ଭାରତରେ ଚର୍ଚ୍ଚିତ ହୋଇଥିଲେ। ଏହି ଘଟଣାରୁ ତାଙ୍କର ମହିଳା ସଶକ୍ତିକରଣ ପାଇଁ ଥିବା ଆନ୍ତରିକତା ଓ ଦରଦ ପ୍ରମାଣିତ ହୋଇଥିଲା। ତେଣୁ ରାଜନୈତିକ ମହଲରେ ଚର୍ଚ୍ଚା ଉଠୁଛି ଯେ ନବୀନ ବାବୁ ଦୁଇଟି ସିଟ୍ ମହିଳାଙ୍କୁ ଦେଇପାରନ୍ତି। ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ମହିଳା ଆସନ ସଂରକ୍ଷଣ ପାଇଁ ଗତ ନିର୍ବାଚନ ପୂର୍ବରୁ ବିଜେଡ଼ି ମୁଖିଆ ଅଭିଯାନ ଆରମ୍ଭ କରିଥିଲେ। ଏପରିକି ଗତ ଲୋକସଭା ଆସନରେ ଏକ ତୃତୀୟାଂଶ ଆସନରେ ମହିଳା ମାନଙ୍କୁ ମଧ୍ୟ ଟିକେଟ ଦେଇଥିଲେ। ସରୋଜିନୀ ହେମ୍ବ୍ରମ୍‌ଙ୍କ କାର୍ଯ୍ୟକାଳ ସରିବା ପରେ ରାଜ୍ୟସଭାରେ ବିଜେଡ଼ିର ଆଉ କେହି ମହିଳା ସାଂସଦ ନାହାଁନ୍ତି। ତେଣୁ ଗତ ନିର୍ବାଚନରେ ମହିଳା ଭୋଟବ୍ୟାଙ୍କକୁ ଧରି ବିପୁଳ ବିଜୟ ହାସଲ କରିଥିବା ନବୀନ ପୁଣି ରାଜ୍ୟସଭା ଭୋଟରେ ଟ୍ରମ୍ପକାର୍ଡ଼ ଭାବେ ମହିଳା ପ୍ରାର୍ଥୀ ଦେଇପାରନ୍ତି। ମହିଳା ସାଂସଦ ପ୍ରାର୍ଥୀ ଭାବେ ସମାଜ ସେବିକା ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ପରି ଆଉଜଣେ ସମାଜ ସେବିକା ମହିଳାଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଉଠୁଛି। ସେ ହେଉଛନ୍ତି ସମଗ୍ର ଭାରତରେ ପୂଜ୍ୟ ଶ୍ରୀ କୁମାରଭାଇଙ୍କ ଶୋଭନୀୟତାର ବାର୍ତ୍ତା ପ୍ରଚାର କରୁଥିବା ତଥା ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ବାର୍ତ୍ତା ମୁଖ୍ୟ ତଥା ମହିଳା ସ୍ତମ୍ଭକାର ଡକ୍ଟର ଅରୁନ୍ଧତୀ ଦେବୀ। ଡକ୍ଟର ଅରୁନ୍ଧତୀ ଦେବୀ ଏକ ପ୍ରତିଷ୍ଠିତ ମର୍ଯ୍ୟାଦାପୂର୍ଣ୍ଣ ପରିବାରର ଝିଅ ହୋଇଥିଲେ ମଧ୍ୟ ଉଚ୍ଚଶିକ୍ଷା ପାଇଥିବା ସତ୍ତ୍ୱେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ଆହ୍ୱାନରେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ରାଜ୍ୟ ଓ ରାଜ୍ୟ ବାହାରର ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା କୌଣସି ଅସହାୟ, ଅଭାବୀ ମେଧାବୀ ପିଲାମାନଙ୍କ ପାଇଁ ସେ ତାଙ୍କ କରୁଣାର ହାତ ବଢ଼ାଇବାର କାର୍ପଣ୍ୟ କରିନାହାନ୍ତି। ଓଡ଼ିଶାର ଘରେ ଘରେ ଅରୁ ଗୁରୁମା ଭାବେ ସେ ବେଶ ପରିଚିତ। ଶିକ୍ଷାବିତ୍, ସମାଜ ସେବିକା, ସ୍ତମ୍ଭକାର ତଥା ଜଣେ ଆଧ୍ୟାତ୍ମିକ ସଙ୍ଗଠିକା ଭାବେ ତାଙ୍କର ବେଶ ଦକ୍ଷତା ଓ ପ୍ରଭାବ ରହିଛି। ସମଗ୍ର ଓଡ଼ିଶାରେ ସମ୍ଭବତଃ ପ୍ରଥମ ଭାବେ କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନ ଦକ୍ଷିଣ ଆଫ୍ରିକାରେ ନିଜର ସମାଜ ସେବା କେନ୍ଦ୍ର ଖୋଲିବାରେ ସକ୍ଷମ ହୋଇଛି। ଶୋଭନୀୟ ଶିକ୍ଷାଶ୍ରମରେ ଆଜିକୁ ବର୍ଷ ବର୍ଷ ଧରି ଅନେକ ଅସହାୟ, ଅଭାବୀ ଶିଶୁ ଓ ମହିଳା ମାନଙ୍କୁ ଆଶ୍ରୟ ଦେଇ ସମାଜ ସେବାକୁ ସେ ଆଗେଇ ନେଉଛନ୍ତି। କାମ ବେଶି କଥା କମ୍ ଆଉ ଆତ୍ମ ପ୍ରଚାର ଠାରୁ ଯଥେଷ୍ଟ ଦୂରରେ ଏହି ତିନୋଟି ଜୀବନ ତ୍ରିଭୁଜ ସମାହାରରେ ଅରୁନ୍ଧତୀ ଦେବୀଙ୍କ ଜୀବନ ଗଢ଼ା। ଓଡ଼ିଶାର ଅନେକ ସଙ୍ଗଠନ ଓ ରାଜ୍ୟ ବାହାରର ସଙ୍ଗଠନ ଠାରୁ ସେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଦଳମତ ନିର୍ବିଶେଷରେ ତାଙ୍କ ବ୍ୟକ୍ତିତ୍ୱ ଓ ଲୋକପ୍ରିୟତା ଯଥେଷ୍ଟ ଉର୍ଦ୍ଧରେ। ଓଡ଼ିଶାର ସମସ୍ତ ରାଜନୈତିକ ଦଳ ତାଙ୍କୁ ସମର୍ଥନ ନିଶ୍ଚିନ୍ତ ଦେଇପାରିବେ। ତେଣୁ ରାଜ୍ୟସଭାରୁ ଡକ୍ଟର ଅରୁନ୍ଧତୀ ଦେବୀଙ୍କ ନାମ ମହିଳା ପ୍ରାର୍ଥୀ ଭାବେ ଯିବାର ବଡ଼ ଚର୍ଚ୍ଚା ମଧ୍ୟ ଉଠୁଛି। ପୂର୍ବ ରେକର୍ଡ଼ର ତଥ୍ୟ ଯାହା ନବୀନ ବାବୁ କାହାଙ୍କୁ ପ୍ରାର୍ଥୀ କରିବେ ତାର ବିନ୍ଦୁ ବିସର୍ଗ କେହିବି ଜାଣିପାରନ୍ତି ନାହିଁ। ତେଣୁ ବିଜେଡ଼ି ସୁପ୍ରିମୋ ନବୀନ ବାବୁ ମହିଳା କାର୍ଡ଼ ଖେଳିଲେ ମହିଳା ସଶକ୍ତିକରଣ ପ୍ରତି ତାଙ୍କ ଅଙ୍ଗୀକାରବଦ୍ଧତା ଆହୁରି ସ୍ପଷ୍ଟ ହୋଇପାରିବ। ଓଡ଼ିଶାର ସାମଗ୍ରୀକ ବିକାଶରେ ମହିଳା ମାନଙ୍କ ଭୂମିକା ଯୁଗେ ଯୁଗେ ସ୍ମରଣୀୟ ହୋଇରହିଛି।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୦୭୪୮୮୯୯୮୫୩୨*

**ଅକ୍ରୋଧ :-**

ଜମିବାଡିକୁ ନେଇ ଝଗଡା ହେବାରୁ ବାପା ମା' ହାତରୁ ଲୁହା ପତିଆଟି ଛଡାଇ ନେଇ ବଡଭାଇର ମୁଣ୍ଡକୁ ପିଟିଦେଲେ। ସେ ସେଇଠି ମରିଯାଇଥିଲା। ମୁଁ ନାବାଳକ ଥିବାରୁ ହତ୍ୟା ଅଭିଯୋଗ ମୋ ଉପରେ ଦେଇ ମୋତେ ଜେଲକୁ ପଠାଇ ଦେଇଛନ୍ତି। ଏସବୁ କଥାରୁ କ୍ରୋଧର ପରିଣତି କେତେ ଭୟଙ୍କର ହୋଇଥାଏ ତାହା ପ୍ରମାଣିତ।

ସେଥିପାଇଁ ଗୀତାରେ ସ୍ଥିତିପ୍ରଜ୍ଞ ମନ୍ତ୍ରରେ କୁହାଯାଇଛି ଯେ, ଯେତେବେଳେ ବ୍ୟକ୍ତି ବିଷୟର ଇଚ୍ଛା କରିଥାଏ କାମନା ଉତ୍ପନ୍ନ ହୋଇଥାଏ। ଇଚ୍ଛାପୂର୍ତ୍ତି କରିବା ପାଇଁ କୁସଙ୍ଗତ କରିବାରେ କାମନା ବାସନାରେ ପରିଣତ ହୋଇଥାଏ ଏବଂ ଅନ୍ତରେ ବା ଶେଷରେ ବାସନା ସବୁ ଉତ୍ତେଜିତ ରୂପ ଧାରଣ କରି ମରିବି ନ ହେଲେ ମାରିବି ଏଭଳି ଅବସ୍ଥାରେ ପହଞ୍ଚି ଯାଇଥାଏ। ଉତ୍ତେଜିତ ଇଚ୍ଛା ପୂରଣ ନ ହେବାରୁ ଅହଂକାର କ୍ରୋଧର ରୂପ ଧାରଣ କରିଥାଏ। କ୍ରୋଧ ଆସିବାରେ ମନରେ ବିଚାରର ଭଉଁରୀ ଖେଳିଥାଏ ଓ ସମ୍ମୋହ ବଶହୋଇ ଚିତ୍ତ ଭ୍ରମିତ ହୋଇଥାଏ। କ'ଣ କରିବା ଠିକ୍-ଭୁଲ, ବିଚାର-ଅବିଚାର, ଯୋଗ୍ୟ-ଅଯୋଗ୍ୟ, ବିବେକ-ଅବିବେକ ଏସବୁ ପ୍ରତି ଅନ୍ଧ ହୋଇଯାଇଥାଏ। ପ୍ରଥମେ ବ୍ୟକ୍ତି କାମାନ୍ଧ ଥିଲା ପରେ କ୍ରୋଧାନ୍ଧ ହୋଇଥାଏ। କ୍ରୋଧାନ୍ଧ ବ୍ୟକ୍ତିର ସ୍ମୃତି ନଷ୍ଟ ବୁଦ୍ଧି ମଧ୍ୟ ନଷ୍ଟ ହୋଇଯାଇଥାଏ। ଫଳରେ ବ୍ୟକ୍ତି ନିଜର, ନିଜ ପରିବାରର ତଥା ସମାଜର ଅମଙ୍ଗଳ କରି ବସିଥାଏ। ସେଥିପାଇଁ ଗୀତାରେ ଅଛି -

ରାଗଦ୍ୱେଶ ବିଯୁକ୍ତୈସ୍ତୁ
ବିଷୟାନିନ୍ଦ୍ରିୟୈଶ୍ଚରନ।
ଆତ୍ମବଶୈ ବିଧେୟାତ୍ମା ପ୍ରସାଦ ମଧିଗଛତି।।





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



ରାଗ ଦ୍ୱେଶରେ ଜଡିତ ହେଲେ ଆମ ଇନ୍ଦ୍ରିୟ, ବିଷୟ, ମନ, ବୁଦ୍ଧି, ଚିତ୍ତ ତଥା ଅହଂକାରର ଅଧିନ ହୋଇଯାଇଥାଏ। ବିତରାଗ ହୋଇ ପାରିଲେ ଏସବୁର ବନ୍ଧନ ରହି ନଥାଏ ଏବଂ ଆମେ ଆତ୍ମାନନ୍ଦର ଉପଲବ୍ଧି କରି ପାରିଥାଉ। ଏବେ ପ୍ରଶ୍ନ ଆସେ ଆମେ କ'ଣ ଆମକୁ କ୍ରୋଧରୁ ମୁକ୍ତ କରିପାରିବା ? ଉତ୍ତର ନିଶ୍ଚୟ କରିପାରିବା। ନିଜ ଭୋଜନରେ ଲୁଣର ପରିମାଣ କମ କରିଦିଅନ୍ତୁ, ରାତିର ଭୋଜନ ଜଲଦି କରନ୍ତୁ। ପ୍ରାଣାୟାମ ନିୟମିତ କରନ୍ତୁ, ଆତ୍ମଚିନ୍ତନ ଅବଶ୍ୟ କରନ୍ତୁ। ଏସବୁ କରିବା ଦ୍ୱାରା କ୍ରୋଧ ନିଶ୍ଚୟ ନିୟନ୍ତ୍ରଣକୁ ଆସିବ। ଆମେ ଯେତେ ସରଳ ହେବା ସେତେ ଆମର ଅହଂକାର କମ ହେବ। ଅହଂକାର କମ ହେଲେ ଅଭିମାନ ବି କମ ହେବ ଓ କ୍ରୋଧ ଆସିବାର ସମ୍ଭାବନା ବି କମ ହୋଇଯିବ। ଜୀବନରେ ଉତଥାନ ଆଉ ପତନ ତ ଲାଗି ରହିଛି କିନ୍ତୁ କାହାକୁ ଦୋଷାରୋପ କରିବା କିମ୍ବା କାହାର ଦୋଷକୁ ଗଣ୍ଠିବାନ୍ଧି ରଖିବା ଉଚିତ ନୁହେଁ। କ୍ଷମା କରିବା ଉଦାର ଚିତ୍ତ ରହିବା ଉଚିତ। ଆମ ଚାରିପାଖରେ ଯାହାସବୁ ଘଟିତ ହେଉଛି ତାହା ଈଶ୍ୱରଙ୍କ ଇଚ୍ଛାରେ ହେଉଛି। ମାନ-ଅପମାନ, ଦୁଃଖ-ସୁଖ ସବୁ କ୍ଷଣସ୍ଥାୟୀ। ମାନ ମିଳିଲେ ଅଧିକ ଉତ୍‌ଫୁଲ୍ଲ ହୋଇଯିବା ଓ ଅପମାନ ମିଳିଲେ ଦୁଃଖରେ ଭାଙ୍ଗି ପଡିବା କିମ୍ବା ଅପମାନରେ କ୍ରୋଧ କରିବା ଅନାବଶ୍ୟକ। ଆମର ମୂଳ ସ୍ୱରୂପ ଆନନ୍ଦ ହିଁ ଅଟେ। ତେଣୁ ମୂଳ ସ୍ୱଭାବରେ ଅକ୍ରୋଧ ରହିବା ସ୍ୱାଭାବିକ। କେବଳ ନିଜର ସ୍ୱରୂପ ଚିହ୍ନିବା ଆବଶ୍ୟକ ରହିଛି। "ଶାନ୍ତୋୟମ୍ ଆତ୍ମା"। ତେବେ ନିଜକୁ ଶରୀର ଭାବନାରୁ ମୁକ୍ତି କରି ଆତ୍ମ ଭାବନାରେ ସ୍ଥିତି ରଖି ଅକ୍ରୋଧକୁ ପ୍ରାପ୍ତ କରିବା ପାଇଁ ପ୍ରୟାସ କରିବା ଚାଲନ୍ତୁ।

*(କ୍ରମଶଃ)*

## ମୁଁ ଶବ କହୁଛି



ପ୍ରଦୀପ ବନ୍ଧ

ବିକୃତ ଚେହେରାର ପ୍ରତିଛବି
ନାଚିଯାଉଛି ଆଖି ଆଗରେ
ନିଜେ ନିଜ ହାତରେ ବୋହି
କାନ୍ଧରେ କାନ୍ଧେଇ
କେତେ କୁଢ଼ କୁଢ଼ ଶବ
ଜାଳି ସାରିଲିଣି।

ସମସ୍ତେ ମୋତେ କୁହନ୍ତି
ମୁଁ କୁଆଡେ ଅନ୍ଧାରୁଆ ମଣିଷ
ସତରେ ମୁଁ ଶବଙ୍କ ସାଙ୍ଗରେ
କଥା କୁହା ଶବ
ମୁଁ ନାଚାର ନିରୁପାୟ
ମଶାଣି ଚଣ୍ଡାଳ।

ରାତି ହେଲେ ମୋତେ
ଭୋକ ଲାଗେ ସେମାନଙ୍କୁ ବି
ପରନ୍ତୁ ମଡା ହାଣ୍ଡିର ଭାତ
ଭାରି ସୁଆଦ
ସବୁତକ ଆମେ ବାଣ୍ଟି ଖାଉ
କିଏ ହାତକୁ ଛଡେଇ ନେଇ ଖାଏ ତ

କିଏ ଦେ ବୋଲି କହି
ଆଣ୍ଠୁ ମାଡି ବସିଥାଏ
ମୋ ହାତକୁ ଚାହିଁ
ଏମିତିରେ ଆମ ହସ ଖୁସି
ଟିକେ ନିଆରା।

ଉଜୁଡିଗଲା ସଂସାରକୁ ଦେଖିଲେ
ମୋତେ ଭାରି ଦୁଃଖ ଲାଗେ
କାରଣ ?
କାଲି ଆଉ ଗୋଟେ ଶବ
ହୁଏତ ଆସି ନପାରେ
ଆମେ ଭୋକିଲା ରହିଯିବୁ
ହେଲେ ଶୋଷ
ଜମା ଲାଗେନି।



ପ୍ରତ୍ୟେକ ଜୀଅନ୍ତା ଶବ ମାନଙ୍କର
କଞ୍ଚା ଜରଜର ଦେହକୁ
ଏଇ ହାତରେ ଜାଳିଲା ବେଳେ
ଯେଉଁ ଝାଳ ଦି ଟୋପା
ନିଗିଡି ପଡେ
ସେଇତକ ଓଠ ଛୁଇଁ
ଶୋଷ ମେଣ୍ଟେଇ ଦିଏ।

ଏ ପୃଥିବୀ ଗୋଲ ହେଲେ
ସରିଛି କେଉଁଠି... ?
ଯେଉଁଠି କେବଳ ଦିନ ନଥିବ
ସେଇଠି ମୁଁ ଥିବି
ହେଲେ ଏ ଶବ ମାନଙ୍କର
ଭିଡ଼ ନଥିବ।

ସେଠାରେ ଏ ମାଟି କଣ
ରାତିରେ କଥା କହୁଥିବ
ନା ଏ ମଲା ଦରପୋଡା
ଶବ ମାନେ ଝୁରି ଝୁରି
କାନ୍ଦୁଥିବେ ଯେମିତି
ମୋ ପାଖରେ ଅଳି କରି କାନ୍ଦୁଛନ୍ତି

ନା ନା ଓଲଟା ଲାଗିବ
ଜମା ଯିବିନି
ଦରକାର ନାହିଁ
ସେ ଓଲଟା ମାନଙ୍କ ସହ ମିଶି
ପୁଣି ଦୁଃଖର ମଶାଣି ପର୍ଯ୍ୟନ୍ତ
ଘୋଷାଡି ହେଇ ଆସିବାକୁ।

ବରଂ ଏଇ ମଶାଣିରେ
ଏ ନିଃଶ୍ୱାସ ସରିଗଲେ
ମୁଁ ବି କେବେ କାହାକୁ ଦେଖିବି
ଏଠି ମୋ ଜାଗାରେ
ଯେଉଁଠି ଲୋଡ଼ା ପଡିବନି ଛ ଖଣ୍ଡ କାଠ
କି କାହା ଦୟାର ଦି ହାତ ଭୂମି

ମୁଁ ତ ଶବ ମାନଙ୍କ ସହ
ଶବ ହୋଇ ଅଧେରୁ
ଅଧିକ ଜଳି ସାରିଛି
ବାକିତକ କୁକୁର ଶିଆଳ
ଶାଗୁଣା ମାନଙ୍କର
ଉଦର ପୁରେଇଲେ
କ୍ଷତି କ'ଣ ?

*ସାନମଛୁଆଘାଇ, ରାଜଘରପୋଖରୀ*
*ବାସୁଦେବପୁର, ଭଦ୍ରକ*
*ଦୂରଭାଷ : ୮୦୭୨୭୮୩୨୨୦*



## ଏଇ ଆସିଯିବ



ରାଜେଶ ପୂଜାରୀ



ତୁମେ ପିନ୍ଧୁଥିଲ ଦେହ ପରେ ଦେହ
ପାଇବାକୁ ଟିକେ ସ୍ୱର୍ଶ ମୋର
ଅଜାଣତେ ଖାଲି ଉଦାସୀନ ହେଲି
ବାଲିଘର ଭାଙ୍ଗି ଶତବାର।
ସ୍ନାତ ପ୍ରେମୋଦ୍ୟାନେ ପ୍ରସ୍ଫୁଟିତ ଫୁଲ
ଯେବେ ହୃଦୟକୁ ସ୍ୱର୍ଶ କରେ
ଲାଗେ ଛପି ଛପି ମୁଗ୍ଧ ଭଅଁରଟେ
ତୋଳିନିଏ ତାରେ ଚାଲାକିରେ।
ଖୋଜି ଖୋଜି ମରେ ପୁଣି ଜନ୍ମ ହୁଏ
ବୃଥା ଆସ୍ଫାଳନେ ବ୍ୟତିବ୍ୟସ୍ତ
ନିସ୍ତରଙ୍ଗ ମୋର ପ୍ରାଣ ବେଳାଭୂମି
ଅସରନ୍ତି ଅପବାଦ ଗ୍ରସ୍ତ।

କୋହର କରତ ଦାଢ଼େ ସ୍ୱପ୍ନ ଗଛ
ଗୋଟି ଗୋଟି ହୋଇ କଟିଯାଏ
ଅନ୍ଧାର କୁହେଳି ହୋଇ ନିଉଛାଳି
ନିତି ପ୍ରତି ମତେ ଚରୁଥାଏ।
ଦୋଷିଛି କୋଷିଛି ପ୍ରତିଟି ଦେହକୁ
ଖୋଜି ଖୋଜି ମୁହେଁଇଲେ ଥରେ
ଚିହ୍ନିନି ଚିହ୍ନିନି କହନ୍ତି ସଭିଏଁ
ସେଠାରୁ ନିଜକୁ ନିନ୍ଦି ଫେରେ।
ଅନୁଭବେ ତୁମ ମଧୁମୟ ସତ୍ତା
ପ୍ରୀତି ମଳୟର ଚଉପାଖେ
ତୁମେ ଗୋ ନଥିଲ ଏ ନିର୍ଜନ ବନେ
ଆଜି ମୁଁ ବିଫଳ ଗୀତି ଲେଖେ।

ଘୁମନ୍ତ ମେଘର ବୁକୁ ଚିରି ତୁମେ
ମୋ ଧରାରେ ବର୍ଷିଥାନ୍ତ ଥରେ
ଫିଟେଇ ଥାଆନ୍ତ ଅଦୃଶ୍ୟ କୋଠରୀ
ନିବିଡ ସେ ଅସ୍ତରାଗ ପରେ।
ନୁହଁ ମାୟାବିନୀ ନୁହଁ କୁହୁକିନୀ
ତୁମେ ଚିରକାଳ ପ୍ରେମେ ବନ୍ଧା
ଅସହିଷ୍ଣୁ ହୋଇ ଜାଣି ପାରିଲିନି
ଆଖିରେ ଥିଲା ପରଳ ଛନ୍ଦା।
ଅଶ୍ରୁ ଆଳୟରେ ସହବାସ କରେ
ଅନିଶ୍ଚିତ ସ୍ୱପ୍ନେ ହୋଇ ଭୋଳ
ଏଇ ଆସିଯିବ ପାଖକୁ ମୋହର
ରଙ୍ଗେଇବ ମୋ ରାତି ସକାଳ।

*କୁଶମେଲ, ଝାରସୁଗୁଡା*
*ଦୂରଭାଷ : ୯୭୭୭୨୮୦୫୯୪*

## ପ୍ରତିଶୋଧ

ଦେବସ୍ମିତା ବେହେରା



ମହାଭାରତରେ ମହର୍ଷି ଭରଦ୍ୱାଜଙ୍କ ପୁତ୍ର ଦ୍ରୋଣାଚାର୍ଯ୍ୟଙ୍କ ବିଷୟରେ ବହୁତ କିଛି କାହାଣୀ ମିଳେ। ଦ୍ରୋଣାଚାର୍ଯ୍ୟ ଥିଲେ କୌରବ ଆଉ ପାଣ୍ଡବ ରାଜକୁମାରଙ୍କର ଗୁରୁ। ସେ କୌରବ ଆଉ ପାଣ୍ଡବ ରାଜକୁମାରଙ୍କୁ ଧର୍ନୁବିଦ୍ୟାରେ ପ୍ରଶିକ୍ଷଣ ଦେଇଥିଲେ ଆଉ ଶେଷରେ କୁରୁକ୍ଷେତ୍ରର ଯୁଦ୍ଧରେ ଧୃଷ୍ଟଦ୍ୟୁମ୍ନଙ୍କ ହାତରେ ମୃତ୍ୟୁ ବରଣ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଲା କି ଦ୍ରୋଣାଚାର୍ଯ୍ୟଙ୍କର ମୃତ୍ୟୁ ତ ହେଲା ହେଲେ ଅଜୟ ଯୋଦ୍ଧା ମହାରଥୀ ଦ୍ରୋଣାଚାର୍ଯ୍ୟ ନିଜର ପିଲାଦିନର ଆଶ୍ରମର ସହପାଠୀ ରାଜା ଦ୍ରୁପଦଙ୍କର ପୁତ୍ର ଧୃଷ୍ଟଦ୍ୟୁମ୍ନ ହାତରେ କାହିଁକି ମୃତ୍ୟୁ ବରଣ କଲେ ? ଏହି ବିଷୟଟି ଅବଶ୍ୟ ବିଚାରଣୀୟ ଅଟେ।

ମହର୍ଷି ଭରଦ୍ୱାଜ ଆଶ୍ରମରେ ଆଚାର୍ଯ୍ୟ ଦ୍ରୋଣ ଆଉ ପାଞ୍ଚାଳ ନରେଶଙ୍କ ପୁତ୍ର ଦ୍ରୁପଦ ଶିକ୍ଷା ଗ୍ରହଣ କରୁଥିଲେ ଏକାଠି । ଦୁହେଁ ବହୁତ ଭଲ ବନ୍ଧୁ ହୋଇ ଯାଇଥିଲେ। ଦିନେ ଦ୍ରୁପଦ ମିତ୍ର ଦ୍ରୋଣଙ୍କୁ କହିଲେ କି,'ସେ ଯେତେବେଳେ ପାଞ୍ଚାଳ ଦେଶର ରାଜା ହେଇଯିବେ ସେତେବେଳେ ସେ ତାଙ୍କୁ ରାଜ୍ୟର ଅଧା ଦେଇଦେବେ ?'

ଶିକ୍ଷା ସମାପ୍ତ ହେଲା ପରେ ଦୁହେଁ ନିଜ ନିଜ ରାସ୍ତାରେ ଚାଲିଗଲେ । ସମୟାନୁକ୍ରମେ ଦ୍ରୋଣଙ୍କର ବିବାହ ହେଲା ଆଉ ତାଙ୍କର ପୁତ୍ରଟିଏ ଜନ୍ମ ହେଲା । ସେହି ପୁତ୍ରର ନାମ ରଖାଗଲା 'ଅଶ୍ୱାତ୍ଥାମା' । ଦ୍ରୋଣ ବହୁତ ଭଲ ପାଉଥିଲେ ନିଜ ପରିବାରକୁ। ତେଣୁ ସେ ସେମାନଙ୍କୁ ଯଥା ସମ୍ଭବ ଖୁସି ରଖିବାକୁ ଚେଷ୍ଟା କରୁଥିଲେ। ମାତ୍ର ସବୁ ଚେଷ୍ଟା ସତ୍ତ୍ୱେ ସେ ପରିବାରର ସମସ୍ତ ଅଭାବକୁ ପୂରଣ କରି ପାରୁନଥିଲେ। କାହିଁକିନା ସେ ଥିଲେ ବହୁତ ଗରୀବ। କାଳନ୍ତରରେ ଦ୍ରୁପଦ ପାଞ୍ଚାଳ ରାଜ୍ୟର ରାଜ ସିଂହାସନରେ ବସିଲେ। ଏହା ଶୁଣି ବହୁତ ଖୁସି ହୋଇଗଲେ ଆଚାର୍ଯ୍ୟ ଦ୍ରୋଣ। ସେ ସିଧା ଯାଇ ପହଞ୍ଚିଗଲେ ପାଞ୍ଚାଳରେ ଦ୍ରୁପଦଙ୍କୁ ଦେଖା କରିବା ପାଇଁ। ସେଠାରେ ପହଞ୍ଚି ସେ ରାଜା ଦ୍ରୁପଦଙ୍କୁ ଅଧା ରାଜ୍ୟ ଦେବା କଥା ମନେ ପକେଇଦେଲେ । ମାତ୍ର ଅଧା ରାଜ୍ୟ ଦେବା ତ ଦୂରର କଥା କୌଣସି ଆର୍ଥିକ ସହାୟତା ମଧ୍ୟ ଦେଲେ ନାହିଁ ଦ୍ରୋଣଙ୍କୁ ରାଜା ଦ୍ରୁପଦ। ବରଂ ରାଜା ଦ୍ରୁପଦ,ଦ୍ରୋଣଙ୍କୁ ଅପମାନିତ କରି କହିଲେ, 'ବନ୍ଧୁତା ନିଜ ସମାସ୍କନ୍ଧ ଲୋକଙ୍କ ସହିତ କରିବା ଉଚିତ୍ ।'

ଏହା ଶୁଣି ଅପମାନର ବିଷକୁ ପାନ କରି ଚୁପଚାପ୍ ଫେରି ଆସିଲେ ଆଚାର୍ଯ୍ୟ ଦ୍ରୋଣ । ତାଙ୍କ ମନରେ ପ୍ରତିଶୋଧର ଜ୍ୱାଳା ଉଦ୍‌ଜୀବିତ ହେଲା। ଯେତେବେଳେ ହସ୍ତିନାପୁର ରାଜକୁମାରଙ୍କର ଧର୍ନୁବିଦ୍ୟା ଶିକ୍ଷା ସମାପ୍ତ ହେଲା ସେତେବେଳେ ଆଚାର୍ଯ୍ୟ ଦ୍ରୋଣ ଗୁରୁ ଦକ୍ଷିଣା ସ୍ୱରୂପ ରାଜା ଦ୍ରୁପଦଙ୍କୁ ବନ୍ଦୀ କରି ଆଣିବା ପାଇଁ କହିଲେ ରାଜକୁମାର ମାନଙ୍କୁ। ଗୁରୁଙ୍କ ଆଦେଶକୁ ସର୍ବୋପରି ମାନି ଧର୍ନୁଧାରୀ ଅର୍ଜୁନ ଦ୍ରୁପଦଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କ ମନ୍ତ୍ରୀଙ୍କ ସହିତ ବନ୍ଦୀ ବନେଇ କରି ନେଇ ଆସିଲେ ଆଚାର୍ଯ୍ୟ ଦ୍ରୋଣଙ୍କ ପାଖକୁ। ଦ୍ରୋଣ ଦ୍ରୁପଦଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ମୁକ୍ତ କରିଦେଲେ ଆଉ ସମ୍ମାନର ସହିତ ବିଦା କରିଦେଲେ। ମାତ୍ର ! ରାଜା ଦ୍ରୁପଦ ସହ୍ୟ କରିପାରିଲେନି ଏହି ଅପମାନକୁ। ତାଙ୍କ ମନରେ ଘୃଣା ଭାବନା ଭରିଗଲା ଆଉ ଅନ୍ତରରେ ପ୍ରତିଶୋଧର ଅଗ୍ନି ପ୍ରଜ୍ୱଳିତ ହେବାକୁ ଲାଗିଲା। ଦ୍ରୁପଦଙ୍କ ଜୀବନରେ ଏକମାତ୍ର ଲକ୍ଷ୍ୟ ଥିଲା ଦ୍ରୋଣଙ୍କଠୁ ପ୍ରତିଶୋଧ ନେବା । ଦ୍ରୁପଦ ନିଜର ଲକ୍ଷ୍ୟ ସାଧନ ପାଇଁ କଠୋର ତପସ୍ୟା କରିବାକୁ ଲାଗିଲେ । ସେ ଗୋଟିଏ ଶକ୍ତିଶାଳୀ ପୁତ୍ର ପ୍ରାପ୍ତି ନିମନ୍ତେ ଏହି କଠୋର ତପସ୍ୟା କରୁଥିଲେ। ତାଙ୍କର କେବଳ ଗୋଟିଏ ଲକ୍ଷ୍ୟ ଥିଲା କି ଏହି ଶକ୍ତିଶାଳୀ ପୁତ୍ର ହେବ ତାଙ୍କ ପ୍ରତିଶୋଧର ପୂର୍ତ୍ତିର ସାଧନ। ତାଙ୍କର କାମନା ପୂରଣ ହେଲା ଆଉ ସେ ଧୃଷ୍ଟଦ୍ୟୁମ୍ନ ନାମକ ଶକ୍ତିଶାଳୀର ପିତା ହେଲେ । ଆଉ ଧୃଷ୍ଟଦ୍ୟୁମ୍ନ ହିଁ କୁରୁକ୍ଷେତ୍ରର ଯଦ୍ଧରେ ଆଚାର୍ଯ୍ୟ ଦ୍ରୋଣଙ୍କର ବଧ କଲେ।

ଦ୍ରୋଣଙ୍କର ଏପରି ମୃତ୍ୟୁ ପାଇଁ କ'ଣ ଦ୍ରୋଣ ନିଜେ ଉତ୍ତରଦାୟୀ ନୁହନ୍ତି ? କ'ଣ ଏହାର ମୂଳରେ ଦ୍ରୋଣଙ୍କର ଲାଳସା, ଅସହିଷ୍ଣୁତା ଆଉ ପ୍ରତିଶୋଧର ଭାବନା ବିଦ୍ୟମାନ ନଥିଲା ? ହଁ ଏହା ସତ୍ୟ ଯେ ଦ୍ରୁପଦ ଅତି ଉତ୍ସାହର ହେଉ ଅଥବା ଆବେଶ ଯୋଗୁଁ ନିଜ ରାଜ୍ୟର ଅଧା ଦେବା ପାଇଁ ମିତ୍ରଙ୍କୁ ଅଶ୍ୱାସନା ଦେଇଥିଲେ..,ହେଲେ..,ଏମିତି ଥଟ୍ଟାରେ ଭାଗବଣ୍ଟା କ'ଣ ମିତ୍ର ମାନଙ୍କ ମଧ୍ୟରେ ଏହା ନୂଆ ଥିଲା ? ମିତ୍ର ମାନଙ୍କ ଭିତରେ ଏମିତି ଭାଗବଣ୍ଟା ବ୍ୟବାହାରିକ ଥିଲା ? କ'ଣ ଭାବବେଶରେ ନିଆ ଯାଇଥିବା ନିର୍ଣ୍ଣୟ ଅସ୍ୱାଭିବାକ ମନେ ହେଉନାହିଁ ? ନିଜ ପରିବାର ପାଇଁ ସୁଖ ସୁବିଧାର ସାଧନ ଯୋଗାଡ କରିବା ପାଇଁ ଜଣେ ରାଜାଙ୍କ ସମ୍ମୁଖରେ ନିଜ ମିତ୍ରତାର ଦ୍ୱାହି ଦେଇ ଦ୍ରୋଣ କ'ଣ ନିଜ ଗରିମାକୁ ଆଘାତ ପହଞ୍ଚେଇ ନାହାନ୍ତି ? ଯେତେବେଳେ ଜଣେ ରାଜା ଗରୀବ ବ୍ରାହ୍ମଣକୁ ନିଜ ମିତ୍ର ବୋଲି ସ୍ୱୀକାର କରିବାରୁ ମନା କରିଦେଲେ ସେତେବେଳେ ସେହି ମିତ୍ର ଜଣକ ଅପମାନର ଜ୍ୱାଳାରେ ଜଳିବାକୁ ଲାଗିଲେ। ହେଲେ କାହିଁକି ? ଆଜିର ଦୁନିଆରେ ଏମିତି ଅନେକ ଲୋକ ଅଛନ୍ତି ଯିଏ ଅନ୍ୟ ମାନଙ୍କୁ ସ୍ୱପ୍ନ ଦେଖାଇ ଲୁଟି ଚାଲିଛନ୍ତି ଆଉ ଲୋକମାନେ ମଧ୍ୟ ଲୁଟି ହୋଇ ଚୁପ୍‌ଚାପ୍ ବସି ଯାଉଛନ୍ତି । ଏହା କ'ଣ ସେମାନଙ୍କର ଲୋଭର ପରିଣାମ ନୁହେଁ? ବିନା ପରିଶ୍ରମରେ ଅଥବା ଅଳ୍ପ ଖର୍ଚ୍ଚରେ ରାତା ରାତି ଧନୀ ହେବାର ଆକାଂକ୍ଷାର ପରିଣାମ ଏହା ନୁହେଁ ତ ଆଉ କ'ଣ? ପ୍ରାୟ ସବୁ ଲୋକଙ୍କ ମନରେ ବିନା କଷ୍ଟରେ ବିନା ପରିଶ୍ରମରେ ରାତା ରାତି ବଡଲୋକ ହୋଇ ସୁଖରେ ବଞ୍ଚିବାର କାମନା ଥାଏ । ଆଉ ଏହି କାମନା ଦ୍ରୋଣଙ୍କର ମଧ୍ୟ ଥିଲା। ହେଲେ ଏହା କ'ଣ ସ୍ୱାଭାବିକ ? ଏହା କ'ଣ ଉଚିତ୍ ? କ'ଣ ଏହା ଦ୍ୱାରା ମନୁଷ୍ୟର ସ୍ୱାଭାବିକ ବିକାଶ ସମ୍ଭବ ?

ଏମିତି ଅସଂଖ୍ୟ ଅସ୍ୱାଭାବିକ କାମନା, ଲାଳସା ଆଉ ବାସନା ହିଁ ମନୁଷ୍ୟର ପତନର କାରଣ ହୁଅନ୍ତି। ଏଥିରେ କୌଣସି ସନ୍ଦେହ ନାହିଁ। ଆଉ ଏହି ପତନରେ ଘିଅ ଢାଳିବାରେ କାମ କରେ ପ୍ରତିଶୋଧର ଭାବନା । ଦ୍ରୋଣ ନିଜ ଅପମାନର ପ୍ରତିଶୋଧ ନେବାକୁ ଚାହୁଁଥିଲେ। ପ୍ରତିଶୋଧ କେବେବି ପୂର୍ଣ୍ଣ ହୁଏ ନାହିଁ। ଆଜି ତୁମେ ପ୍ରତିଶୋଧ ନେବ ତ କାଲି ଆଉ କିଏ ତୁମ ଉପରେ ପ୍ରତିଶୋଧ ନେବ । ତା'ପରେ ତୁମେ ପୁଣି ଥରେ ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ ହେଇଯିବ ଆଉ ଏହି ପ୍ରକ୍ରିୟା ଚାଲିଥିବ ଅବିରତ ଧାରାରେ.., ଯାହା କେବେବି ସରିବ ନାହିଁ। ସମ୍ପୂର୍ଣ୍ଣ ଜୀବନ ପ୍ରତିଶୋଧର ଅଗ୍ନିକୁ ସମର୍ପିତ ହୋଇଗଲେ ମଧ୍ୟ ପ୍ରତିଶୋଧ ପୁରା ହୁଏ ନାହିଁ। ମନୁଷ୍ୟ ସମାପ୍ତ ହୋଇଯାଏ ହେଲେ ପ୍ରତିଶୋଧ ନୁହେଁ। କାହିଁକିନା ଏହା ପୀଢି ପରେ ପୀଢି ଚାଲିଥାଏ ଆଉ ଏହି ନିଆଁରେ ଜଣା ନାହିଁ କେତେ ପୀଢି ସ୍ୱାହା ହୋଇ ଯାଆନ୍ତି। ଦ୍ରୋଣଙ୍କର ପ୍ରତିଶୋଧ କେବଳ ଦ୍ରୁପଦଙ୍କ ପର୍ଯ୍ୟନ୍ତ ସୀମିତ ରହିଲାନି ଆଉ ଦ୍ରୁପଦଙ୍କ ପ୍ରତିଶୋଧ ଦ୍ରୋଣଙ୍କ ପର୍ଯ୍ୟନ୍ତ । ସେ ପ୍ରତିଶୋଧ କିଭଳିଆ ପ୍ରତିଶୋଧ ଯାହା ଥମିଯିବ ?

ନିଜ ପିତା ଦ୍ରୋଣଙ୍କର ମୃତ୍ୟୁରେ ଆହାତ ହୋଇ ଅଶ୍ୱତ୍ଥାମା ଧର୍ମ ବିରୁଦ୍ଧରେ ଯାଇ ରାତ୍ରିର ଅନ୍ଧକାରରେ ଶୟନ ରତ ଧୃଷ୍ଟଦ୍ୟୁମ୍ନଙ୍କୁ ନିଜ ପାଦରେ ଦଳି ଚକଟି ମାରି ଦେଲେ ଆଉ ତା' ସହିତ ବଧ କଲେ ଦ୍ରୌପଦିଙ୍କ ପାଞ୍ଚ ପୁତ୍ରଙ୍କର। ଆଉ ଏହାର ମୂଳରେ ଥିଲା ଦ୍ରୋଣଙ୍କର ଲିପ୍‌ସା । ଦ୍ରୋଣଙ୍କର ଅଧା ରାଜ୍ୟ ପାଇବା ପାଇବାର ଅଥବା କିଛି ସହାୟତା ପାଇବାର ଲିପ୍‌ସା କାମନାପୂର୍ତ୍ତିରେ ବାଧା ସୃଷ୍ଟି ଯୋଗୁଁ ମନରେ ଜାତ ହେଲା ଅପମାନ ବୋଧ, ଘୃଣା, ଅପମାନ ବୋଧ ଆଉ ଘୃଣାରୁ ଉତ୍ପନ୍ନ ହେଲା ପ୍ରତିଶୋଧର ଭାବନା। ପ୍ରତିଶୋଧର ପୂର୍ତ୍ତି ଯୋଗୁଁ ଅପର ପକ୍ଷର ଘୃଣା ଆଉ ପ୍ରତିଶୋଧର ଭାବନା ନା' କେବଳ ଦ୍ରୁପଦଙ୍କର, ଅପିତୁ ସ୍ୱୟଂ ଦ୍ରୋଣଙ୍କର ମଧ୍ୟ ସର୍ବନାଶ କରି ପକେଇଲା । ଏହି ପ୍ରତିଶୋଧର ଭାବନା ଯଦି ନଥାନ୍ତା ତେବେ ସମ୍ଭବତଃ ମହାଭାରତ ଯୁଦ୍ଧ ହିଁ ହେଇ ନଥା'ନ୍ତା । ଆଉ ସେହି ଯୁଦ୍ଧରୁ ସୃଷ୍ଟି ହୋଇଥିବା ଭୟାବହତା ନା'ତ ଦେଖିବାକୁ ମିଳିଥାନ୍ତା..,ନା' ଶୁଣିବାକୁ..,ଆଉ ଧରା ପୃଷ୍ଠରୁ ଶ୍ରେଷ୍ଠ ଯୋଦ୍ଧାଙ୍କର ଅକାଳରେ ବିନାଶ ହୋଇ ନଥା'ନ୍ତା ।

*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*



## ବିପ୍ଳବୀ ଧ୍ୱନି

ତୃପ୍ତି ରଞ୍ଜନ ଦାସ





ରାତି ଗୋ...
କେତେ ଆଉ କରିଥାନ୍ତି ପ୍ରତୀକ୍ଷା
ବେଯାଏ ଭାବନକୁ କିଏ ଦେବ ସୁରକ୍ଷା ?
ରେରେକାର ବିବେକ ରଚିବ ମନ୍ୱନ୍ତର
କାହିଁକି ସେ ବନ୍ଦୀଶାଳାରେ ଦେବି ମୁଁ ପରୀକ୍ଷା।

ଜହ୍ନ ଗୋ...
ଆଜି ବେଶିଘଡି ରୁହନ୍ତ ଆମ ଆମ୍ବ ଗଛ ଡାଳରେ
ଠା ଠା ଦିଅନ୍ତ ଅଗଣ୍ୟ ମୌକ୍ତିକ ବାରତା ଆମ ଅଗଣାରେ
ଘର ଯାକ ଆଲୋକକୁ ନିର୍ବାପିତ କରି
ତୁମ କାହାଣୀ ଶୁଣନ୍ତି ଆସ୍ତେକି ମୋ ବୋଉର କୋଳରେ।

ନିଦ ଗୋ...
କେତୋଟି ଜୁହାର ନେବ ପ୍ରତ୍ୟୁଷ ଯାଏଁ ରହିବାକୁ ?
ମିହିଦାନା ପରି ସଂସର୍ଗ, ଶୋଣିତ ଓଠର ସ୍ୱର୍ଶ ଚାହୁଁନି ପାଇବାକୁ
ସପନର ଅନ୍ତେ ସବୁ ପର ଘର ସମ୍ପତ୍ତି
ବିନା ଶ୍ରମରେ କାଇଁ ଲୋଡିବି ତା ବୋଉର କଷ୍ଟକୁ।



ସ୍ୱପ୍ନ ଗୋ...
କୁଳୀନ ସମ୍ରାଟ ପରି ପାଳି କରି ଆସିବ
ଆରମ୍ଭ ସନେଟ କୁ ଅନ୍ତ କରିଯିବ
ଅଜ୍ଞାନୀ, ଅଝଟ, ବ୍ୟସ୍ତ ବିବ୍ରତ ଲାଗେ ଅବଚେତନ
ଗୋଟିଏ ରାତିରେ କୋଟିଏ ଶିଳାଲିପି ଯଦି ଲେଖିବ।

ପ୍ରିୟା ଗୋ...
ଗଲାବେଳେ ଦରଜାକୁ ଆଉଜେଇ ଦେବ
ନହେଲେ ଘର୍ମିତ କୋଠରୀ, କୁଣ୍ଠିତ ଆତ୍ମା
ଅପଦସ୍ତ ହେବେ...
ତୁମ ଉପସ୍ଥିତି ମୋ ମୁଦ୍ରିତ ନୟନ ଜାଣିବ
ହଁ, ଗଲାବେଳେ ଦରଜା ଆଉଜେଇ ଦେବ।

*ଗବେଷକ*
*ପଦାର୍ଥ ବିଜ୍ଞାନ ବିଭାଗ*
*ଆଇଆଇଟି, ଧାନବାଦ*
*ଦୂରଭାଷ : ୮୨୪୯୩୫୭୨୭୨*






ପାବନି ପଟେଲ
ଷ୍ଟାଣ୍ଡାର୍ଡ-୮
ବିମଳା କନଭେଣ୍ଟ ସ୍କୁଲ
ଭବାନୀପାଟଣା



ଅଦିତି ଦାସ
ଷ୍ଟାଣ୍ଡାର୍ଡ-୫
ବିଜେଇଏମ୍ ସ୍କୁଲ -୨,
ସତ୍ୟଭାମାପୁର, ଭୁବନେଶ୍ୱର

# ଜଙ୍ଗଲ ଆଇନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକ ହେଉଛନ୍ତି ବିକାଶର ଆତ୍ମା। ସ୍ୱାଧୀନତା ପରଠାରୁ ଦେଶ ତଥା ଅନୁନ୍ନତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସାମଗ୍ରିକ ବିକାଶ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶାରେ ଆଦିବାସୀ ବର୍ଗର ଜନସଂଖ୍ୟା ପ୍ରାୟ ୧ କୋଟି ରହିଛି। ଏହି ଆଦିବାସୀ ବର୍ଗର ଲୋକମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଦିବାସୀମାନଙ୍କୁ ସେମାନଙ୍କ ଜଙ୍ଗଲ ଅଧିକାରୀ ଆଇନ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ଦେଶର ପ୍ରଥମ। ରାଜ୍ୟର ୪ ଲକ୍ଷ ୩୬ ହଜାର ଆଦାବାସୀ ବର୍ଗର ଲୋକଙ୍କୁ ଜଙ୍ଗଲ ଅଧିକାର ଆଇନରେ ଜମି ପଟ୍ଟା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅନୁସୂଚିତ ଜନଜାତି ବର୍ଗର ପଞ୍ଚାୟତିରାଜ ସଂସ୍ଥାନଗୁଡ଼ିକର ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ଏକ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱର ଠାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସେ ମଧ୍ୟ "୧୦୦୦ ଜଳଉତ୍ସ କାର୍ଯ୍ୟକ୍ରମ" ଏବଂ ଏକ ଅନଲାଇନ ପୋର୍ଟାଲର




ଶୁଭାରମ୍ଭ କରିଥିଲେ। ଏହା ହେଉଛି ପ୍ରାକୃତିକ ଝର ତଥା ଜଳଉତ୍ସ ଗୁଡ଼ିକର ଜଳୀୟ ଓ ରାସାୟନିକ ଗୁଣ ଦର୍ଶାଉଥିବା ଏକ ଜିଆଇଏସ ଆଧାରିତ ମାନଚିତ୍ରର ଅନଲାଇନ ପୋର୍ଟାଲ। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରେଣୁକା ସିଂ ସରୁତା ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶାରେ ଜଙ୍ଗଲ ଅଧିକାର ଆଇନ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ମାନଚିତ୍ର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଉଦଘାଟନୀ ଅଧିବେଶନ ପରେ ଏକ ବୈଷୟିକ ଅଧିବେଶନ ଆୟୋଜନ କରାଯାଇଥିଲା ଯେଉଁଥିରେ ଜନଜାତି ବିକାଶ ନମୁନା, ଜନଜାତି ଜମି ହସ୍ତାନ୍ତରଣ, ବନ ଧନ ବିକାଶ କେନ୍ଦ୍ର ଏବଂ ଜନଜାତି ବିକାଶ ନବୋନ୍ମେଷ ସାମିଲ ଥିଲା। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମୁଣ୍ଡା କହିଥିଲେ ଯେ "୧୦୦୦ ଜଳଉତ୍ସ କାର୍ଯ୍ୟକ୍ରମ"ର ଉଦ୍ଦେଶ୍ୟ ହେଉଛି ଦେଶର ଉପାନ୍ତ ଏବଂ ଅପହଁଚ ଇଲାକାରେ ରହୁଥିବା ଜନଜାତି ସମୁଦାୟର ଲୋକମାନଙ୍କ ନିକଟରେ ସ୍ୱଚ୍ଛ ଜଳ ଯଥେଷ୍ଟ ପରିମାଣରେ ଉପଲବ୍ଧ କରାଇବା। ପ୍ରାକୃତିକ ଜଳ ଉତ୍ସକୁ ଯୋଡ଼ି ଜଳସଂକଟର ସମାଧାନ କରିବା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଯୋଜନା ମାଧ୍ୟମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଭିତିଭୂମି ସୁବିଧା, ଚାଷ ଜମିକୁ ଜଳସେଚନ ସୁବିଧା, ଗୋଷ୍ଠୀ ସହଭାଗିତା ଜରିଆରେ ସାମୁଦାୟିକ ସ୍ୱଚ୍ଛତା କାର୍ଯ୍ୟକ୍ରମ, ଜନଜାତି ଲୋକମାନଙ୍କୁ ଜୀବନଜୀବିକା ଉପଲବ୍ଧ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସେ କହିଥିଲେ ଯେ ଜିଆଇଏସ ଆଧାରିତ ମାନଚିତ୍ରର ଅନଲାଇନ ପୋର୍ଟାଲ ଜରିଆରେ ସମସ୍ତ ତଥ୍ୟ ଅନଲାଇନ ପ୍ଲାଟଫର୍ମରେ ମିଳିପାରିବ। ବର୍ତମାନସୁଦ୍ଧା ୧୭୦ଟି ପ୍ରାକୃତିକ ଜଳଉତ୍ସର ତଥ୍ୟ ସ୍ପ୍ରିଙ୍ଗ ଆଟଲାସରେ ଅପଲୋଡ କରାଯାଇସାରିଲାଣି। ଏହି ଯୋଜନା ଅଧୀନରେ ଓଡ଼ିଶାର ତିନୋଟି ଜିଲ୍ଲା କଳାହାଣ୍ଡି, କନ୍ଧମାଳ ଓ ଗଜପତିର ୭୦ଜଣ ଜନଜାତି ଯୁବକଙ୍କୁ ତାଲିମ ଦିଆଯାଇଛି। ଏମାନଙ୍କୁ ସ୍ଥାନୀୟ ଜଳବିଜ୍ଞାନୀ ଭାବେ ପାରମ୍ପରିକ ଓ ବୈଜ୍ଞାନିକ ଜ୍ଞାନ ସହିତ ପ୍ରାକୃତିକ ଜଳଉତ୍ସ ଚିହ୍ନଟ, ମାନଚିତ୍ରଣ ଓ ସେଗୁଡ଼ିକର ପୁନରୁଦ୍ଧାର ଓ ସୁରକ୍ଷା ଲାଗି ପ୍ରଶିକ୍ଷଣ ଦିଆଯାଇଛି। ଅନ୍ୟପକ୍ଷରେ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ମୁଣ୍ଡା କହିଥିଲେ ଯେ ସ୍ଥାନୀୟ ପ୍ରଶାସନ ସ୍ତରରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ନିଷ୍ପତି ନେବାର କ୍ଷମତା ବୃଦ୍ଧି କରି ସେମାନଙ୍କୁ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମରେ ଜନଜାତିଙ୍କ ବିକାଶ ସହ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ସେମାନଙ୍କ ଅଧିକାରର ସୁରକ୍ଷା ଓ ସଂରକ୍ଷଣ ତଥା ସେମାନଙ୍କ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ସରକାରୀ ନୀତି ଏବଂ କାର୍ଯ୍ୟକ୍ରମର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ଅନୁଧ୍ୟାନରେ ଅନୁସୂଚିତ ଜନଜାତି ପଂଚାୟତିରାଜ ପ୍ରତିନିଧିମାନଙ୍କର ଅଧିକ ଅଂଶଗ୍ରହଣ ସୁନିଶ୍ଚିତ ହୋଇପାରିବ। ବିକାଶ ପ୍ରକ୍ରିୟାରେ ସେମାନଙ୍କର ଅଧିକ ସମ୍ପୃକ୍ତି ଦ୍ୱାରା ଜନଜାତି ବିକାଶ ଲକ୍ଷ୍ୟ ଅଧିକ ମାତ୍ରାରେ ହାସଲ ହୋଇପାରିବ।

# ଗୁଗଲ୍ ଟ୍ରାନ୍ସଲେଟରରେ ଓଡ଼ିଆ ଭାଷା

**ଭୁବନେଶ୍ୱର :** ଆମେରିକାର ଲୋକପ୍ରିୟ ସର୍ଚ୍ଚ ଇଞ୍ଜିନ୍ ଗୁଗଲର ଟ୍ରାନ୍ସଲେସନ୍ ବା ଅନୁବାଦ ଏବେ ଓଡ଼ିଆ ଭାଷା ମଧ୍ୟ ଯୋଡି ହୋଇଛି। ଗୁଗଲ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ ଓଡ଼ିଆ ସମେତ ମୋଟ ୫ଟି ନୂଆ ଭାଷାରେ ଏହି ସୁବିଧା ରହିଛି। ଏବେ ଇଂରାଜୀରୁ ହିନ୍ଦୀ, ବଙ୍ଗଳା ଏବଂ ଅନ୍ୟ ଭାରତୀୟ ଭାଷା ପରି ଓଡ଼ିଆରେ ମଧ୍ୟ କିଛି ଶବ୍ଦ ଓ ବାକ୍ୟ ଅନୁବାଦ କରାଯାଇପାରିବ। ବର୍ତ୍ତମାନ କେବଳ ବେଟା ଭର୍ସନ ଆସିଥିବାରୁ ଓଡ଼ିଆ ସହ ବର୍ତ୍ତମାନ କିନ୍ୟାରୱାଣ୍ଡା, ଟାଟାର, ତୁର୍କମେନ୍ ଏବଂ ଉଇଗୁର ମଧ୍ୟ ଟ୍ରାନ୍ସଲେସନ ବ୍ୟବସ୍ଥାର ସୁଯୋଗ ନେଇପାରିବେ। ଏହି ଘୋଷଣା ବାବଦରେ ଗୁଗଲ୍ ଟ୍ରାନ୍ସଲେଟ୍‌ର ସଫ୍ଟୱେୟାର ଇଞ୍ଜିନିୟର ଇଜାକ୍ କ ସ୍ୱୟଂ କହିଛନ୍ତି, ବ୍ୟାପକ ଓ୍ୱେବ୍ କଣ୍ଟେଣ୍ଟର ଅଭାବ କାରଣରୁ ଅନୁବାଦ କାମରେ ବିଳମ୍ବ ହେଉଥିଲା। ତେବେ ଆମର ମେସିନ୍ ଲର୍ଣ୍ଣିଂ ଟେକ୍ନୋଲୋଜି କାରଣରୁ ଏବଂ ଗୁଗୁଲ ଟ୍ରାନ୍ସଲେଟ୍ କମ୍ୟୁନିଟି ଜଡିତ ହୋଇ କାମ କରିବା କାରଣରୁ ୫ଟି ଭାଷା ଯୋଡିପାରିଛୁ। ଏହିସବୁ ଭାଷା ଓଡ଼ିଆ, କିନ୍ୟାରୱାଣ୍ଡା, ଟାଟାର, ତୁର୍କମେନ ଏବଂ ଉଇଗୁର। ଗୁଗଲ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ସବୁ ଭାଷା ଗୁଡିକ ବିଶ୍ୱର ୭୫ ମିଲିଅନ୍ ଲୋକ ବ୍ୟବହାର କରୁଛନ୍ତି। ଗତ ୪ ବର୍ଷରେ ୫ଟି ଭାଷା ଯୋଡାଯାଇଛି। ଗୁଗଲ ଟ୍ରାନ୍ସଲେଟ୍‌ରେ ୧୦୮ଟି ଭାଷା ଯୋଡାଯିବାର ଅଛି। ସୂଚନାଥାଉ କି, ଓଡ଼ିଆ ଭାରତୀୟ ରାଜ୍ୟ ଓଡ଼ିଶା ସହ ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଆଦି ସ୍ଥାନରେ ବ୍ୟାପକ ଭାବେ ବ୍ୟବହାର ହୁଏ। ଏହାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମଧ୍ୟ ମିଳିଛି। ସେହିଭଳି ଉଇଗୁର ମୁଖ୍ୟତଃ ଚାଇନାର ମୁସଲିମ୍ ବହୁଳ ସିନ୍‌ଜିଆଙ୍ଗ ପ୍ରଦେଶରେ ବ୍ୟବହୃତ ହୁଏ।

# ୧୫ଦିନ ବ୍ୟାପୀ ପାଳନ ହେବ ବିଜୁ ଜୟନ୍ତୀ



**ଭୁବନେଶ୍ୱର :** ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କର ୧୦୪ତମ ଜୟନ୍ତୀ ଚଳିତବର୍ଷ ୧୫ଦିନ ବ୍ୟାପୀ ପାଳନ କରାଯିବ। ମାର୍ଚ୍ଚ ୫ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଏହାକୁ ପାଳନ କରିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାଶବର୍ମା, ପ୍ରମିଳା ମଲ୍ଲିକ ଏବଂ ଉଷା ଦେବୀ ଏହି ସୂଚନା ଦେଇଛନ୍ତି। ଦଳ ପକ୍ଷରୁ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ଚଳିତବର୍ଷ ବିଜୁ ଜୟନ୍ତୀରେ ୨୦ବର୍ଷ ପୂରଣ କରିବ। ଏହି ପକ୍ଷ ପାଳନ ଅବସରରେ ବିଜୁବାବୁଙ୍କ ପ୍ରଦର୍ଶିତ ମାର୍ଗରେ ଓଡ଼ିଶାର ବିକାଶ ଯାତ୍ରା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ। ସ୍ୱାଧିନତା ସଂଗ୍ରାମର ରଥିମାନଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଗାଁକୁ କାମ ଓ ମାଙ୍କୁ ସମ୍ମାନ ଥିଲା ବିଜୁ ବାବୁଙ୍କ ଆହ୍ୱାନ। ଆଜି ବିଜୁ ଜନତା ଦଳ ନବୀନ ବାବୁଙ୍କ ନେତୃତ୍ୱରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ନେଇଥିବା କାର୍ଯ୍ୟକ୍ରମ ରାଜ୍ୟରେ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ତେଣୁ ଏହି ପକ୍ଷ ପାଳନ ଅବସରରେ ବିଜୁ ମହିଳା ଦଳ ପକ୍ଷରୁ ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତୀକ ମହିଳା ଦିବସ ଠାରୁ ମହିଳା ବିକାଶ ସଂକ୍ରାନ୍ତରେ ଆଲେଶଚନା କରାଯିବା ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତ୍ୟବିଦ୍ୟ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦଳର ସମସ୍ତ ସଦସ୍ୟ ଉପସ୍ଥିତ ରହିବେ। ବିଜୁ ଯୁବ, ଛାତ୍ର ଜନତାଦଳ ଆନୁକୁଲ୍ୟରେ ରକ୍ତଦାନ ଭଳି ସାମାଜିକ ପ୍ରତିବଦ୍ଧତାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାର୍ଚ୍ଚ ୫ରୁ ଏପ୍ରିଲ ୧୭ ବିଜୁ ବାବୁଙ୍କ ଜୟନ୍ତୀ ଠାରୁ ଶ୍ରାଦ୍ଧ ଦିବସ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ଦଳ ବିସ୍ତୃତ ରୂପରେଖ ହୋଇଥିବା ସୂଚନା ଦିଆଯାଇଛି।

# ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ୨ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପର ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ବୈଠକରେ ୨ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟରେ ଅଧିକ ୫୬୩.୬୦କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧୨୭୩ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଲୋକସେବା ଭବନ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ଆଲୋଚନା ଲାଗି ଉପସ୍ଥାପନ କରିଥିଲେ। ଗ୍ଲେନ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ୬୩.୬୦କୋଟି ଟଙ୍କାର ନିବେଶ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ଏହି ନିବେଶରେ ପାରଦୀପ ପ୍ଲାଷ୍ଟିକ ଫୁଡ୍ କଣ୍ଟେନର ଏବଂ ମଲ୍ଡେଡ୍ କାଗଜ ଦ୍ରବ୍ୟ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ହେବ ଓ ୧୨୭୩ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଅନୁଗୁଳ ଆଲୁମିନିୟମ ପାର୍କରେ ଜିନ୍ଦଲ ଆଲୁମିନିୟମ କମ୍ପାନୀଙ୍କ ତରଫରୁ ୭୫୦୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ ଏକ୍ସଟେନ୍‌ସନ କାରଖାନା ପ୍ରତିଷ୍ଠା ପ୍ରସ୍ତାବ ମଧ୍ୟ ଅନୁମୋଦିତ ହୋଇଛି। ଏଥିରେ ୫ଶହ କୋଟି ଟଙ୍କା ପୁଞ୍ଜିନିବେଶ ହେବ ଓ ୧ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ପତ୍ନୀହନ୍ତା କର୍ଣ୍ଣେଲଙ୍କୁ ଆଜୀବନ କାରାଦଣ୍ଡ



**ଭୁବନେଶ୍ୱର :** ୨୦୧୩ ମସିହାରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଘଟିଥିବା ଏକ ବହୁଚର୍ଚ୍ଚିତ ହତ୍ୟାକାଣ୍ଡରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଖୋର୍ଦ୍ଧା ଜିଲ୍ଲା ଜଜ୍। ୨୦୧୩ ମସିହାରେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଧିନସ୍ଥ ଆଇଆରସି ଭିଲେଜ ଅଞ୍ଚଳରେ ରହୁଥିବା ସେନାବାହିନୀର ଅବସରପ୍ରାପ୍ତ କର୍ଣ୍ଣେଲ ସୋମନାଥ ପରିଡା ତାଙ୍କ ପତ୍ନୀଙ୍କୁ ହତ୍ୟା କରିବା ପରେ ୩୦୦ ଖଣ୍ଡ କରି ଟିଫିନରେ ବନ୍ଦ କରି ରଖିଥିଲେ। ଏହି ଘଟଣା ସେହି ସମୟରେ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଉଚ୍ଚଶିକ୍ଷିତ ଏବଂ ସେନା ବାହିନୀରେ କର୍ଣ୍ଣେଲ ଥିବା ସୋମନାଥ କ'ଣ ପାଇଁ ନିଜ ପତ୍ନୀ ଉଷାଶ୍ରୀ ପରିଡାଙ୍କୁ ହତ୍ୟା କଲେ ଏବଂ ହତ୍ୟା ପରେ ଅତି ନିର୍ମମ ଭାବେ ୩୦୦ ଖଣ୍ଡ କରି କାଟିବା ପରେ ଟିଫିନରେ ବନ୍ଦ କରି ରଖିଥିଲେ ତାହା ସେହି ସମୟରେ ଚର୍ଚ୍ଚାର ବିଷୟ ବସ୍ତୁ ହୋଇଥିଲା। ଦୀର୍ଘ ୭ ବର୍ଷ ପରେ ବହୁଚର୍ଚ୍ଚିତ ଉକ୍ତ ହତ୍ୟାକାଣ୍ଡର ବିଚାର ପରେ ମଙ୍ଗଳବାର ଏହାର ରାୟ ପ୍ରକାଶ ପାଇଛି। ଶେଷ ପର୍ଯ୍ୟନ୍ତ ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ପତ୍ନୀହନ୍ତା କର୍ଣ୍ଣେଲଙ୍କୁ ଆଜି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇବା ସହ ୫୦ ହଜାର ଜରିମାନା ପୈଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୧୩ ଜୁନ୍ ୨୧ ତାରିଖ ଭୁବନେଶ୍ୱର ନୂଆପଲ୍ଲୀ ଥାନା ଅଧିନ ଆଇଆରସି ଭିଲେଜ ଅଞ୍ଚଳରେ ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡର ଘଟଣା ସାମ୍ନାକୁ ଆସିଥିଲା। ସେହି ଅଞ୍ଚଳରେ ରହୁଥିବା ସୋମନାଥ ପରିଡା ନାମକ ଜଣେ ଅବସରପ୍ରାପ୍ତ କର୍ଣ୍ଣେଲ ନିଜ ପତ୍ନୀ ଉଷାଶ୍ରୀ ପରିଡାଙ୍କୁ ହତ୍ୟା କରିବା ପରେ ୩୦୦ ଖଣ୍ଡରେ କାଟି ଟିଫିନ୍‌ରେ ବନ୍ଦ କରି ରଖିଥିଲେ। ଏହି ଘଟଣା ସେହି ସମୟରେ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପ୍ରଥମେ ପ୍ରଥମେ ସୋମନାଥ ପୋଲିସକୁ ଭୁଆଁ ବୁଲାଇବାକୁ ଯାଇ କହିଥିଲେ ପତ୍ନୀ ଉଷାଶ୍ରୀ ଆତ୍ମହତ୍ୟା କରିଛନ୍ତି। ସେ କେବଳ ତାଙ୍କ ମୃତଦେହକୁ ଶିରିଡିଠାରେ ସତ୍କାର କରିବାକୁ ଖଣ୍ଡଖଣ୍ଡ କରି କାଟିଥିଲେ। ଶେଷରେ ପୋଲିସ ସୋମନାଥଙ୍କୁ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୂର୍ବାଞ୍ଚଳ ବିକାଶ ...

କାରଣ କେନ୍ଦ୍ର ତାଲିକାରେ ଏହି ସବୁ ପ୍ରସଙ୍ଗ ଆସୁଥିଲେ ମଧ୍ୟ ପୂର୍ବାଞ୍ଚଳ ପଛରେ ରହିଛି। ଏହି ତିନିଟି କ୍ଷେତ୍ରରେ ପୂର୍ବାଞ୍ଚଳ ଦେଶର ଅନ୍ୟ ଅଞ୍ଚଳଠାରୁ ଢେର ପଛରେ ରହିଛି। ସେହିପରି ଦେଶର ଖଣିଜ ସମ୍ପଦ କ୍ଷେତ୍ରରେ ପୂର୍ବାଞ୍ଚଳର ଅବଦାନ ସର୍ବାଧିକ ହୋଇଥିବା ହେତୁ ପୂର୍ବାଞ୍ଚଳର ଅର୍ଥନୈତିକ ବିକାଶରେ ଏହାର ଫଳ ବିନିଯୋଗ ହେଉ ବୋଲି ସେ କହିଛନ୍ତି। ୨୦୧୨ରୁ କୋଇଲା ରୟାଲଟି ଦର ପୁନଃ ନିର୍ଦ୍ଧାରିତ ହୋଇନଥିବା ହେତୁ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ଆର୍ଥିକ ଭିତ୍ତିଭୂମି ଓ ବୈଷୟିକ ଦୃଷ୍ଟିକୋଣରୁ ଜାତୀୟ ସହମତି ଜରୁରୀ ଏବଂ ସବୁର ବିକାଶ ପାଇଁ କେନ୍ଦ୍ରୀୟ ଅନୁଦାନ ଦୁଇଗୁଣା ହେବା ଉଚିତ୍ ବୋଲି ମତ ଦେଇଛନ୍ତି ନବୀନ ପଟ୍ଟନାୟକ। ଏହି ୪ ରାଜ୍ୟରେ ଆଦିବାସୀ ବହୁଳ ଅଞ୍ଚଳ ଅଧିକ ହୋଇଥିବାରୁ ହୋ, ଭୂମିକ ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ଦାବି କରିଛନ୍ତି ନବୀନ। ସହରାଞ୍ଚଳକୁ କେନ୍ଦ୍ରୀୟ ଅନୁଦାନ ଦେବାରେ ବିଳମ୍ବ, ଧାନ କିଣାରେ ସବସିଡି ନ ଦେବା, ରେଳ ପ୍ରକଳ୍ପରେ ରାଜ୍ୟ ସରକାର ୫୦ ପ୍ରତିଶତ ଅନୁଦାନ ସହିତ ମାଗଣା ଜମି ଦେଉଥିଲେ ବି କାମ ଆଗକୁ ବଢୁନଥିବା ପ୍ରସଙ୍ଗ ମଧ୍ୟ ପରିଷଦ ବୈଠକରେ ଉଠାଇଛନ୍ତି ନବୀନ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ବାନାର୍ଜୀ ଜିଏସଟି ପ୍ରକ୍ରିୟାକରଣ ଅର୍ଥ ପ୍ରଦାନରେ ବିଳମ୍ବ ଏବଂ ପାଣି ହସ୍ତାନ୍ତରଣ ପ୍ରସଙ୍ଗ ଉଠାଇଥିଲେ। ଗଙ୍ଗା ନଦୀ ବନ୍ୟାର ମୁକାବିଲା ଲାଗି ଜାତୀୟ ପଟୁ ପରିଚାଳନା ନୀତି ଗଠନ ଲାଗି ଅନୁରୋଧ କରିଥିଲେ। ୨୪ତମ ବୈଠକରେ ଉଦବୋଧନ ଦେଇ ଶ୍ରୀ ଶାହ ପରିଷଦର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହିତ ସମସ୍ତ କେନ୍ଦ୍ର-ରାଜ୍ୟ ଓ ଆନ୍ତଃରାଜ୍ୟ ପ୍ରସଙ୍ଗର ସହମତି ଭିତିରେ ସମାଧାନ ଦିଗରେ ଏହି ବୈଠକ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଆଧାରରେ ବ୍ୟାପକ ବିଚାର ଆଲୋଚନା ପରେ ସହମତି ଭିତିରେ ନିଆଯାଇଥିବା ନିଷ୍ପତି କାର୍ଯ୍ୟକାରୀ ହେବା ଉଚିତ। ଏହାଦ୍ୱାରା ଦେଶର ସଂଘୀୟ ଢାଞ୍ଚା ଆହୁରି ସୁଦୃଢ଼ ହୋଇପାରିବ। ଆଞ୍ଚଳିକ ପରିଷଦ ବ୍ୟବସ୍ଥା ଫଳପ୍ରଦ ହୋଇଥିବାରୁ ଗୃହମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ନିକଟରେ ଅନୁଷ୍ଠିତ ଆଞ୍ଚଳିକ ପରିଷଦ ବୈଠକଗୁଡ଼ିକରେ ୭୦% ପ୍ରସଙ୍ଗର ସମାଧାନ କରାଯାଇଛି ଏବଂ ଅନ୍ୟ ପ୍ରସଙ୍ଗଗୁଡ଼ିକ ସମାଧାନ ପ୍ରକ୍ରିୟାରେ ଅଛି ବୋଲି ସେ ସୂଚନା ଦେଇଥିଲେ। ବିହାର ଓ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଉପର ମହାନନ୍ଦ ନଦୀ ଉପରେ ଫୁଲବାଡ଼ି ନଦୀବନ୍ଧ ନିର୍ମାଣ ଲାଗି ୧୯୭୮ରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି, ଓଡ଼ିଶାର ଉତରାଂଚଳ ଜିଲ୍ଲାରେ ନୂଆପଡ଼ା-ଗୁଣପୁର-ଥେରୁବାଲି ରେଳପଥକୁ ସମ୍ପ୍ରସାରିତ କରିବା, ବିହାର ଓ ଝାଡ଼ଖଣ୍ଡ ମଧ୍ୟରେ ଥିବା ପେନସନ ଦେୟତାର ନିର୍ଦ୍ଧାରଣ, ଭାରତ ସରକାରଙ୍କ କୋଇଲା କମ୍ପାନୀଗୁଡ଼ିକ ଦ୍ୱାରା ରାଜ୍ୟ ସରକାରଙ୍କ ଜମି ଉପଯୋଗ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକ ଦ୍ୱାରା ଜମି ହସ୍ତାନ୍ତର, ମହିଳା ଓ ଶିଶୁଙ୍କ ବିରୋଧରେ ଯୌନ ଶୋଷଣ ଓ ବଳାତ୍କାର ଭଳି ମାମଲାର ଦ୍ରୁତ ତଦନ୍ତ ଆଦି ପ୍ରସଙ୍ଗରେ ପରିଷଦ ଆଲୋଚନା କରିଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଅନୁଯାୟୀ ପୂର୍ବାଂଚଳର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ବୋଲି ଗୃହମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସେ ଆଶା ବ୍ୟକ୍ତ କରିଥିଲେ ଯେ ଏଜେଣ୍ଡାରେ ଥିବା ସମସ୍ତ ପ୍ରସଙ୍ଗ ସମାଧାନ ଦିଗରେ ଆଜିର ବୈଠକ ନିର୍ଣ୍ଣାୟକ ଏବଂ ଫଳପ୍ରଦ ହୋଇପାରିବ। ସେ ଉଲ୍ଲେଖ କରିଥିଲେ ଯେ ଏଜେଣ୍ଡାରେ ସ୍ଥାନିତ ପ୍ରସଙ୍ଗଗୁଡ଼ିକ ବ୍ୟତୀତ ଆଇନଶୃଙ୍ଖଳା ଓ ପ୍ରଶାସନିକ ସଂସ୍କାର ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ଯାହା ଦେଶର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ପଡ଼ିରହିଥିବା ମାମଲାଗୁଡ଼ିକର ସମାଧାନ ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ଗୃହମନ୍ତ୍ରୀ ଜୋର ଦେଇଥିଲେ। ସେ ମଧ୍ୟ ବ୍ୟାଙ୍କିଙ୍ଗ ସେବା ବିସ୍ତାର କରିବା ଉପରେ ଜୋର ଦେଇଥିଲେ ଯାହାଦ୍ୱାରା ଉପାନ୍ତ ଅଞ୍ଚଳର ଲୋକମାନେ ଲାଭାନ୍ୱିତ ହୋଇପାରିବେ। ଶେଷରେ ଗୃହମନ୍ତ୍ରୀ କହିଥିଲେ ଯେ କେବଳ ଆଂଚଳିକ ପରିଷଦ ବୈଠକରେ ନୁହେଁ ନିୟମିତ ଆଲୋଚନା ମାଧ୍ୟମରେ ଦୀର୍ଘଦିନ ଧରି ପଡ଼ି ରହିଥିବା ପ୍ରସଙ୍ଗର ସମାଧାନ କରାଯିବା ଆବଶ୍ୟକ। ନିୟମିତ ବ୍ୟବଧାନରେ ତଥ୍ୟ ଯୋଗାଇ ଦେବା ଲାଗି ସେ ରାଜ୍ୟଗୁଡ଼ିକୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ସହଯୋଗୀ ସଂଘୀୟ ବ୍ୟବସ୍ଥାର ବାସ୍ତବ ଭାବନା ସହିତ ଏହି ବୈଠକର ସମାପନ ହୋଇଥିଲା।

### ସିଏଏ ...

ଯୋଜନା ଅଣାଯାଇଛି। ଏହାର ସବୁଠୁ ଅଧିକା ଫାଇଦା ଓଡିଶାବାସୀ ପାଇପାରିବେ। ଆଜି ବି ଓଡିଶାରେ ୩୦ ପ୍ରତିଶତ ଲୋକଙ୍କ ଘରେ ନଳ ଯୋଗେ ସ୍ୱଚ୍ଛ ପିଇବା ପାଣି ପହଂଚି ପାରିନି। ୨୦୨୪ ପୂର୍ବରୁ ମୋଦୀ ସରକାର ଓଡିଶାର ସମସ୍ତଙ୍କ ଘରେ ନଳ ଯୋଗେ ଶୁଦ୍ଧ ସ୍ୱଚ୍ଛ ପାଣି ଯୋଗାଇବେ ବୋଲି ଶ୍ରୀ ଶାହା କହିଛନ୍ତି। ଶ୍ରୀ ଶାହା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ହେବା ପରେ ମୋଦିଜୀ ୭୦ ବର୍ଷରୁ ବାକି ଥିବା ରାଷ୍ଟ୍ରୀୟ ସୁରକ୍ଷା ଏବଂ ରାଷ୍ଟ୍ରୀୟ ସମ୍ବେଦନା ଦିଗରେ କାର୍ଯ୍ୟ କରିଛନ୍ତି। ୫ ଅଗଷ୍ଟ ୨୦୧୯ରେ କାଶ୍ମିରୀରୁ ୩୭୦ ଧାରା ହଟାଇ ମୋଦୀ ସରକାର ଏକ ଐତିହାସିକ ନିଷ୍ପତି ନେଇଛନ୍ତି। ଏହା ଦ୍ୱାରା ଆଜି କାଶ୍ମିରୀ ଭାରତ ମାଆର ମୁକୁଟ ବନିଛି। ସେହିପରି ଅଯୋଧାରେ ରାମମନ୍ଦିର ନିର୍ମାଣ ଦିଗରେ ମୋଦି ସରକାର ଆଗକୁ ଆସି ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନାଁରେ ଏକ ଟ୍ରଷ୍ଟ ନିର୍ମାଣ କରି ଏକ ଭବ୍ୟ ରାମମନ୍ଦିର ନିର୍ମାଣର ରାସ୍ତା ଖୋଲିଛନ୍ତି। କିଛି ଦିନ ମଧ୍ୟରେ ଆକାଶକୁ ଛୁଇଁବା ଭଳି ରାମ ମନ୍ଦିର ସେଇଠି ନିର୍ମାଣ ହେବଯେଉଁଠି ଭଗବାନ ରାମଚନ୍ଦ୍ର ଜନ୍ମ ନେଇଥିଲେ। ନାଗରିକତା ସଂଶୋଧନ ଆଇନ ବିରୁଦ୍ଧରେ ବିରୋଧୀ କଂଗ୍ରେସ, ସମାଜବାଦୀ ପାର୍ଟି, ବହୁଜନ ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ ଆଦି ଦଳ ବିରୋଧ କରୁଛନ୍ତି। ଅଳ୍ପସଂଖ୍ୟକଙ୍କ ଠାରୁ ନାଗରିକତା ଚାଲିଯିବା ଆଳ ଦେଖାଇ ମିଥ୍ୟା କଥା କହି ସାରା ଦେଶର ଜନତାଙ୍କୁ ସେମାନେ ବିଭ୍ରାନ୍ତି କରୁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଏବଂ ଆଜି ମୁଁ କହୁଛି ନାଗରିକତା ସଂଶୋଧନ ଆଇନରେ କୌଣସି ମୁସଲମାନ ନାଗରିକର ନାଗରିକତା ଯିବନାହିଁ। ନାଗରିକତା ସଂଶୋଧନ ଆଇନ ନାଗରିକତା ନେବା ପାଇଁ ନୁହେଁ ବରଂ ନାଗରିକତା ଦେବା ପାଇଁ ହୋଇଛି। ଦେଶର ବିଭାଜନ ସମୟରେ ଲକ୍ଷ ଲକ୍ଷ ଲୋକ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଲାଂଦେଶରେ ରହିଯାଇଥିଲେ। ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ, ଇସାଇ ଧର୍ମର ଲୋକମାନଙ୍କୁ ସେଠାରେ ଉତ୍ପୀଡନ କରାଯାଇଥିଲା, ଧର୍ମ ପରିବର୍ତନ କରାଯାଇଥିଲା, ଛୋଟ ଛୋଟ ଶିଶୁ ମାନଙ୍କୁ ଚାଲାଣ କରାଯାଇ ସେମାନଙ୍କ ସହ ବଳାତ୍କାର କରାଯାଇଥିଲା। ସେମାନେ ନିଜ ସମ୍ମାନ ବଂଚାଇବାକୁଯାଇ ଭାରତରେ ଆସି ଶରଣ ପଶିଥିଲେ। ୭୦ ବର୍ଷ ପରେ ବି ଭାରତରେ ଶରଣ ନେଇଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ନାଗରିକତା ନାହିଁ, ରହିବା ପାଇଁ ଘର ନାହିଁ, ପାଠପଢାର ବ୍ୟବସ୍ଥା ନାହିଁ, ସ୍ୱାସ୍ଥ୍ୟ ସୁବିଧା ନାହିଁ, ନିଯୁକ୍ତି ମଧ୍ୟ ନାହିଁ। ସେମାନେ ପାକିସ୍ତାନ ଗଲେ ସେମାନଙ୍କୁ ଧର୍ମ ପରିବର୍ତନ କରିବା ପାଇଁ ବାଧ୍ୟ କରାଯାଉଛି ନହେଲେ ହତ୍ୟା କରିଦିଆଯାଉଛି। ସେହି ଶରଣାର୍ଥୀମାନଙ୍କୁ ମୋଦୀ ସରକାର ନାଗରିକତା ଦେଇ ସେମାନଙ୍କର ମାନବଧିକାର ପ୍ରଦାନ କରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି। ଶ୍ରୀ ଶାହା କହିଛନ୍ତି ଯେ, ୫୦ ଦଶକରେ କଂଗ୍ରେସର ପ୍ରାୟ ସମସ୍ତ ନେତା ହିନ୍ଦୁ ଏବଂ ଶିଖ ଶରଣାର୍ଥୀମାନଙ୍କୁ ନାଗରିକତା ଦେବା ପାଇଁ ପ୍ରତିଶୃତି ଦେଇଥିଲେ। ଭାରତର ଅଲଗା ଅଲଗା ୨୭ ଟି ସ୍ଥାନରେ କଂଗ୍ରେସ ନେତାମାନେ ଶରଣାର୍ଥୀମାନଙ୍କୁ ନାଗରିକତା ଦେବା ପାଇଁ ପ୍ରତିଶୃତି ଦେଇଥିଲେ। କିନ୍ତୁ ସେମାନେ ତାଙ୍କ ପ୍ରତିଶୃତି ପାଳନ କଲେନାହିଁ। ବଦନାମ ହେବାର ଆଶଙ୍କା ଥିବା ସତ୍ୱେ ମୋଦିଜୀ ସଂସଦରେ ନାଗରିକତା ସଂଶୋଧନ ଆଇନ ଆଣି କୋଟି କୋଟି ଶରଣାର୍ଥୀଙ୍କୁ ନାଗରିକତା ଦେବାର କାର୍ଯ୍ୟ କରିଛନ୍ତି। କିନ୍ତୁ ବିରୋଧୀ ଲୋକଙ୍କୁ ଭ୍ରମିତ କରି ଦଙ୍ଗା କରୁଛନ୍ତି। ମହାତ୍ମାଗାନ୍ଧୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଆଜାଦ ଏବଂ ଜବାହାର ଲାଲ ନେହେରୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରି ଦେଖାଇଛନ୍ତି। ନାଗରିକତା ସଂଶୋଧନ ଆଇନରେ ଭ୍ରମିତ କରୁଥିବା ନେତାଙ୍କୁ ଜନତା ପ୍ରଶ୍ନ ପଚାରନ୍ତୁ କି, କେଉଁ ଧାରାରେ ନାଗରିକତା ଯିବାର ଆଇନ ରହିଛି। ୨୦୨୪ ପୂର୍ବରୁ ଦେଶରେ ୫ ଟ୍ରିଲିୟନ ଅର୍ଥନୀତିରେ ଭାରତ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ୩ୟ ସ୍ଥାନ ଅଧିକାର କରିବ। ବିଗତ ବର୍ଷରେ କଂଗ୍ରେସ ସରକାର ଭାରତକୁ ୧୧ ନମ୍ବର ସ୍ଥାନରେ ପହଂଚାଇଥିଲା। ମୋଦି ସରକାର ସାଢେ ୫ ବର୍ଷ ମଧ୍ୟରେ ଭାରତକୁ ୫ମ ସ୍ଥାନକୁ ଆଣିଛନ୍ତି। ଭାରତକୁ ସଂପୂର୍ଣ୍ଣ, ସଂପନ୍ନ, ସୁରକ୍ଷିତ, ଶିକ୍ଷିତ, ସ୍ୱାସ୍ଥ୍ୟଯୁକ୍ତ ଏବଂ ଗୌରବମୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମର୍ପିତ ଅଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଦାନକୁ ନବୀନ ସରକାର ଗରୀବ ଘର ଲୋକଙ୍କ ପାଖରେ ପହଞ୍ଚାନ୍ତୁ ବୋଲି ଶ୍ରୀ ଶାହା କହିଛନ୍ତି। ଜନସମାବେଶରେ ସମ୍ବୋଧନ ଦେବା ପୂର୍ବରୁ ଶ୍ରୀ ଶାହା ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ପ୍ରଣାମ କରି ନିଜ ଅଭିଭାଷଣ ଆରମ୍ଭ କରିଥିଲେ। ୫ ବର୍ଷ ସଙ୍ଗଠନ କାର୍ଯ୍ୟରେ ଅନେକ ଥର ଓଡିଶା ଆସିଛି, ବିଭିନ୍ନ ଜିଲ୍ଲା ବୁଲିଛି, ଅନେକ କାର୍ଯ୍ୟକର୍ତାଙ୍କ ସହ ମିଶିଛି। କିନ୍ତୁ ମତେ ଓଡିଶା କେବେ ଓଡିଶା ଗୁଜୁରାଟରୁ ଭିନ୍ନ ବୋଲି ମତେ ଅନୁଭବ ହୋଇନି। ଏହାର କାରଣ ହେଉଛି, ଗୁଜୁରାଟ ଏବଂ ଓଡିଶାକୁ ଯୋଡିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ। ସେ ଗୁଜୁରାଟ ଏବଂ ଓଡିଶାକୁ ଆର୍ଶୀବାଦ ଦେଇ ଚାଲିଛନ୍ତି। ଏହି ଭକ୍ତି ଏବଂ ଏହି ଶକ୍ତି ଓଡିଶା ଜନତା ପାର୍ଟିର ଶକ୍ତି ପାଲଟିଛି। ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ମହାରାଜା ଶ୍ରୀ ରମଚନ୍ଦ୍ର ଭଂଜଦେଓଙ୍କ ଭଳି ଅନେକ ମହାପୁରୁଷଙ୍କ ତ୍ୟାଗ ଦ୍ୱାରା ଏକ ଗୌରବମୟ ସଂସ୍କୃତିର ନିର୍ମାଣ ହୋଇଛି ବୋଲି ଶ୍ରୀ ଶାହା କହିଥିଲେ। ଏହି ଜନସମାବେଶରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସଂପାଦକ ତଥା ସାଂସଦ ଅରୁଣ ସିଂ, ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ସାଂସଦ ବସନ୍ତ ପଣ୍ଡା, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ, ସଙ୍ଗୀତା ସିଂହଦେଓ, ନିତେଶ ଗଙ୍ଗଦେବ,ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ କେ.ଭି ସିଂହଦେଓ, ବରିଷ୍ଠ ନେତା ବିଜୟ ମହାପାତ୍ର, ବିଜେପି ବିଧାୟକ ଓ ବିଧାୟିକାଙ୍କ ସମେତ ରାଜ୍ୟ ପଦାଧିକାରୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ଥିଲେ।

### ରେକର୍ଡ ...

ଆକଳନ ଅନୁସାରେ ଏଠି ଏବର୍ଷ ତାପମାତ୍ରା ଆହୁରି ୧ ଡିଗ୍ରୀ ବଢ଼ିବା ନେଇ ଆକଳନ କରିଛି ଏଆଇଏମ୍‌ଡି। ଏଥିସହ ଦେଶର ୪୩ ପ୍ରତିଶତ ଅଞ୍ଚଳ କୋର୍ ହିଟ୍ ୱେଭ୍ ଜୋନରେ ଗଣାଯିବ। ଯାହାକି ପରିବେଶ ଉପରେ ଘୋର ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଆଶଙ୍କା କରିଛନ୍ତି ପରିବେଶବିତ୍। ସୂଚନାଥାଉ କି, ୨୦୧୦ରୁ ୨୦୧୮ ମସିହାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାରା ଦେଶରେ ୬୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେଥିମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ମୃତ୍ୟୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ଘଟିଛି। ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ୧୯୯୮ରେ ଭୟଙ୍କର ଅଂଶୁଘାତରେ ରାଜ୍ୟରେ ୨,୦୪୨ଜଣଙ୍କ ଜୀବନ ଯାଇଥିବା ବେଳେ ସଚେତନତା ବଢ଼ିବାରୁ ୨୦୦୫ରେ ୨୩୬, ୨୦୧୦ରେ ୧୦୪, ୨୦୧୨ରେ ୮୩, ୨୦୧୮ରେ ୧୮ ଓ ୨୦୧୯ରେ ୧୬ଜଣଙ୍କ ମୃତ୍ୟୁ ହୋଇଥିଲା।

### ଧାନ ନେଇ ...

ନେଇ ଆଉ ଚାଉଳ ଫେରାଇନଥିବା ବେଳେ ବଲାଙ୍ଗିରରେ ଜଣେ ମିଲର ୧୦ ଲକ୍ଷ ୯୩ ହଜାର ୨୮୪ ଟଙ୍କା, କଟକରେ ୫ ଜଣ ମିଲର ୧୦ କୋଟି ୪୩ ଲକ୍ଷ ୪ ହଜାର ୭୧୯ ଟଙ୍କା, ଦେବଗଡ଼ରେ ୨ ଜଣ ମିଲର ୧ କୋଟି ୯ ଲକ୍ଷ ୭ ହଜାର ୫୦ ଟଙ୍କା, ଢେଙ୍କାନାଳରେ ୨ ଜଣ ମିଲର ୪୪ ଲକ୍ଷ ୨୨ ହଜାର ୮୪୪ ଟଙ୍କା, ଗଞ୍ଜାମରେ ୧୧ ଜଣ ମିଲର ୧ କୋଟି ୬୩ ଲକ୍ଷ ୭୦ ହଜାର ୮୯୧ ଟଙ୍କା, ଜଗତସିଂହପୁରରେ ୩ ଜଣ ମିଲର ୨ କୋଟି ୨୨ ଲକ୍ଷ ୯୬ ହଜାର ୩୭୦ ଟଙ୍କାର ଧାନ ନେଇ ଆଉ ଚାଉଳ ଫେରାଇନାହାନ୍ତି। ଅନ୍ୟପଟେ ଯାଜପୁର ଜିଲ୍ଲାରେ ଜଣେ ମିଲର ୨ କୋଟି ୩୩ ଲକ୍ଷ ୮୨ ହଜାର ୬୯ ଟଙ୍କା, ଝାରସୁଗୁଡ଼ାରେ ୪ ଜଣ ମିଲର ୯ କୋଟି ୮୬ ଲକ୍ଷ ୮୮ ହଜାର ୫୦୬ କୋଟି ଟଙ୍କାର ଧାନ ନେଇଛନ୍ତି ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି।

### ଓଡ଼ିଶାରେ ଇସ୍ପାତ ...

ଏଥିନିମନ୍ତେ ଆବଶ୍ୟକୀୟ ସମସ୍ତ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଇସ୍ପାତ୍ ମନ୍ତ୍ରାଳୟର ଅତିରିକ୍ତ ସଚିବ ନୂଆ ପଦକ୍ଷେପ 'ପୂର୍ବୋଦୟ' ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବ ଭାରତରେ ସମନ୍ୱିତ ଇସ୍ପାତ୍ ହବ୍ ସ୍ଥାପନ ଜରିଆରେ ବିକାଶ ଏହି ନୂତନ ପଦକ୍ଷେପର ଲକ୍ଷ୍ୟ ରହିଥିବାବେଳେ ଓଡ଼ିଶାରେ ଏହି ସମ୍ଭାବନା ରହିଛି। ଜାତୀୟ ଇସ୍ପାତ୍ ନୀତି ଅନୁଯାୟୀ, ଦେଶର ବର୍ଦ୍ଧିତ ଇସ୍ପାତ୍ କ୍ଷମତାରେ ୭୫ ପ୍ରତିଶତରୁ ଅଧିକ ଯୋଡ଼ିବାର ସମ୍ଭାବନା ପୂର୍ବାଞ୍ଚଳ ବେଲ୍ଟରେ ରହିଛି। ୨୦୩୦-୩୧ ସୁଦ୍ଧା ୩୦୦ ମେଟ୍ରିକ୍ ଟନ୍ ଇସ୍ପାତ୍ ଉତ୍ପାଦନ କ୍ଷମତାରୁ ପୂର୍ବାଞ୍ଚଳରୁ କେବଳ ୨୦୦ ମେଟ୍ରିକ୍ ଟନ୍ ଆସି ପାରିବ ବୋଲି ଆଶା କରାଯାଉଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା ଶିଳ୍ପର ଅଭିବୃଦ୍ଧିରେ ଜାପାନ ସହଯୋଗୀ ହେବ। ଆର୍ସେଲର ମିତଲଙ୍କୁ ପ୍ଲାଣ୍ଟକୁ ନେବା ପରେ ନିପନ ଷ୍ଟିଲ୍ ଏଥିରେ ବଡ଼ ସହଯୋଗୀ ହୋଇଛି। ଏହାସହ ଜାପାନର ଇସ୍ପାତ୍ କମ୍ପାନୀ ଜେଏଫଇ ଜେଏସଡବ୍ଲୁ ସହ ସହଭାଗୀ ହୋଇଛି। ଓଡ଼ିଶାର ଇସ୍ପାତ୍ ଶିଳ୍ପରେ ଜାପାନର ଦୁଇଟି ବଡ଼ ଇସ୍ପାତ୍ କମ୍ପାନୀ ଜେଏଫ୍‌ଇ ଏବଂ ନିପନ ବୃହତ୍ ପୁଞ୍ଜି ନିବେଶ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବଦୋୟ ମିଶନ୍‌ରେ ଜାପାନ ଏକ ସହଯୋଗୀ ରାଷ୍ଟ୍ର ହେବା ଆମର ଲକ୍ଷ୍ୟ। ଏହାସହ ଏହି ମିଶନରେ ଓଡ଼ିଶାର କଳିଙ୍ଗ ନଗରର ବିକାଶ କରାଯାଇପାରିବ। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ କଳିଙ୍ଗ ନଗରକୁ ବିଶ୍ୱ ଇସ୍ପାତ୍ ଶିଳ୍ପର ପେଣ୍ଠସ୍ଥଳୀ ଭାବେ ଗଢ଼ିତୋଳିବା ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଦେଶରେ ଇସ୍ପାତ୍ ଉତ୍ପାଦନକୁ ୧୪୦ ମେଟ୍ରିକ୍ ଟନ୍‌ରୁ ୩୦୦ ମେଟ୍ରିକ୍ ଟନ୍ କରାଯିବ। ଦେଶରେ ଇସ୍ପାତ ଉତ୍ପାଦନରେ ଯେଉଁ ବ୍ୟାପକ ଅଭିବୃଦ୍ଧି ହେବ, ସେଥିରୁ ଓଡ଼ିଶାରୁ ସିଂହଭାଗ ଇସ୍ପାତ୍ ଉତ୍ପାଦନ ହେବ। କେବଳ ଇସ୍ପାତ୍ ଉତ୍ପାଦନ ନୁହେଁ ଇସ୍ପାତ୍ ସହ ଜଡ଼ିତ ଆନୁସଙ୍ଗିକ ଶିଳ୍ପର ସଂପ୍ରସାରଣ ଓଡ଼ିଶାରେ ହେଲେ ରାଜ୍ୟର ରାଜସ୍ୱ ବଢ଼ିବା ସହ ରୋଜଗାର ବଢ଼ିବ। ଏଥିପାଇଁ ଜାପାନକୁ ଏକ ସହଯୋଗୀ ପାର୍ଟନର ଭାବେ ନେବା ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଆଲୋଚନାରେ ଓଡ଼ିଶାରେ ଥିବା ବିଭିନ୍ନ ସୁବିଧାର ବିସ୍ତୃତ ବିବରଣୀ ଜାପାନର ରାଷ୍ଟ୍ରଦୂତଙ୍କୁ ପ୍ରଦାନ କରାଯାଇଛି। କେବଳ ପର୍ଯ୍ୟଟନ, ଇସ୍ପାତ୍ ଶିଳ୍ପ ନୁହେଁ କୃଷି, ହସ୍ତତନ୍ତ, ପେଟ୍ରୋକେମିକାଲ କ୍ଷେତ୍ରରେ ବ୍ୟାପକ ଆଲୋଚନା କରି ଜାପାନ ଓ ଭାରତ ସରକାର ସହଯୋଗରେ ଓଡ଼ିଶାର ବିକାଶ କରାଯାଇପାରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ରାଜ୍ୟ ଇସ୍ପାତ୍ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀଙ୍କ ସମେତ କେନ୍ଦ୍ର ଇସ୍ପାତ୍ ସଚିବ ଏବଂ ଇସ୍ପାତ୍ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ସ୍ୱଳ୍ପ ମୂଲ୍ୟରେ ବିଦେଶ ବୁଲିବେ ଓଡ଼ିଆ ପର୍ଯ୍ୟଟକ

**ଭୁବନେଶ୍ୱର :** ରାଜ୍ୟ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିପାଇଁ ପ୍ରଥମେ ଡେଷ୍ଟିନେସନ ୱେଡିଂ ପ୍ୟାକେଜ୍ ପରେ ପ୍ରଥମଥର ଲାଗି ଓଟିଡିସି ପକ୍ଷରୁ ବିଦେଶ ଭ୍ରମଣ ପ୍ୟାକେଜ୍ 'ଗୋଗ୍ଲୋବାଲ୍'ର ଶୁଭାରମ୍ଭ କରାଯାଇଛି। ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଦୁବାଇ ଭଳି ୫ଟି ପ୍ରମୁଖ ଦେଶକୁ ଓଟିଡିସି ପକ୍ଷରୁ ଟୁର୍ ପ୍ୟାକେଜ୍ ଘୋଷଣା କରାଯାଇଛି। ରାଜ୍ୟ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନିଗମ ଏହି ନୂତନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ପ୍ୟାକେଜ୍‌ର ଦାମ୍ ସମସ୍ତଙ୍କୁ ସୁହାଇଲା ଭଳି ରହିଛି ବୋଲି ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି। ଗୁରୁବାର ପାନ୍ଥନିବାସଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ୟାକେଜ୍‌ର ଲୋଗୋ ଉନ୍ମୋଚନ କରାଯାଇଛି। ତିନି ରାତି ଓ ୪ ଦିନିଆ ଏହି



ପ୍ୟାକେଜରେ ପର୍ଯ୍ୟଟକଙ୍କ ଯିବାଆସିବା ଓ ରହଣି ସାମିଲ ହେବ। ଯିବାଆସିବା ଭଡ଼ା, ଭିସା ଖର୍ଚ୍ଚ, ଭ୍ରମଣ ବୀମା, ହୋଟେଲ ରହଣି, ପ୍ରାତଃ ଭୋଜନ, ରାତ୍ରି ଭୋଜନ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ। ଥାଇଲାଣ୍ଡ ପାଇଁ ମୁଣ୍ଡପିଛା ୨୪,୯୯୦ଟଙ୍କା ଦେୟ ଥିବାବେଳେ ମାଲେସିଆ ପାଇଁ ୨୯,୯୯୦ଟଙ୍କା, ସିଙ୍ଗାପୁର ପାଇଁ ୩୯,୯୯୦ଟଙ୍କା ,ଇଣ୍ଡୋନେସିଆର ବାଲି ପାଇଁ ୩୪,୯୯୦ ଟଙ୍କା ଏବଂ ଦୁବାଇ ନିମନ୍ତେ ୫୩,୯୯୦ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ଓଟିଡିସିର ସଫଳତା ସମ୍ପର୍କରେ ଓଟିଡିସି ଏମ୍‌ଡି ହେମକାନ୍ତ ସାଏ ସୂଚନା ଦେଇଥିଲେ। ୨ ମାସରେ ଇକୋ ରିଟ୍ରିଟ୍‌ରେ ହାରାହାରି ୭୬ ପ୍ରତିଶତ ବୁକିଂ ଶେଷ ହୋଇଥିବା ବେଳେ ଓଟିଡିସି ପକ୍ଷରୁ ସାତକୋଶିଆ, ଭିତରକନିକା, ମଙ୍ଗଳାଯୋଡ଼ି, ରାଜହଂସ ଓ ବଡ଼କୂଳ ଭଳି ସ୍ଥାନକୁ ଆରମ୍ଭ ହୋଇଥିବା ଦିନିକିଆ ପ୍ୟାକେଜ୍ ପର୍ଯ୍ୟଟକଙ୍କ ଦ୍ୱାରା ସର୍ବାଧିକ ଆଦୃତ ହୋଇଛି। କେବଳ ଇକୋ-ଟୁରିଜିମ୍ ପ୍ୟାକେଜ୍‌ର ୯୦ ପ୍ରତିଶତ ବୁକିଂ ରହୁଛି। ଗତ ଡିସେମ୍ବରରେ ଚୁକ୍ତିବଦ୍ଧ ହୋଇଥିବା ମେକ୍ ମାଇଁ ଟ୍ରିପ୍, ଗୋ-ଆଇବିବୋ ଏବଂ ଯାତ୍ରା ଡଟ୍ କମ୍ ଭଳି ବିଭିନ୍ନ ସଂସ୍ଥା ଦ୍ୱାରା ଅନ୍‌ଲାଇନ୍‌ରେ ୮୦ଲକ୍ଷ ଟଙ୍କାର ରୁମ୍ ବୁକିଂ ହୋଇପାରିଛି। ବିଗତବର୍ଷ ୩୫ଟି ଉତ୍ସବ ଏବଂ ବିଭିନ୍ନ ବେଳାଭୂମି ଉତ୍ସବରେ ଓଟିଡିସିର ଯୋଗଦାନ ସାଙ୍ଗକୁ କଳା, ସଂସ୍କୃତିର ପ୍ରଚାର ଏବଂ ଓଡ଼ିଆ ଖାଦ୍ୟ ସମ୍ଭାରର ପରିବେଷଣ ପାଇଁ ନିଗମ ପ୍ରଶଂସିତ ହୋଇଛି। କିଛିଦିନ ତଳେ ଚିଲିକା କୂଳରେ ଥିବା ରମ୍ଭା ଓ ବଡ଼କୁଳ ପାନ୍ଥନିବାସ, ଗୋପାଳପୁର, ଚାନ୍ଦିପୁର, ପୁରୀ ଓ କୋଣାର୍କ ପାନ୍ଥନିବାସରେ ଓଟିଡିସି ପକ୍ଷରୁ ଡେଷ୍ଟିନେସନ୍ ୱେଡିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିବା ବେଳେ ମାତ୍ର ୨ମାସରୁ କମ୍ ସମୟ ମଧ୍ୟରେ ୨୦ଟି ବାହାଘର ସମ୍ପନ୍ନ ହୋଇଛି। ଏହାବ୍ୟତୀତ ବର୍ତ୍ତମାନ ଖେଲୋ ଇଣ୍ଡିଆ ଏବଂ ଅଲ୍‌ଇଣ୍ଡିଆ ଫରେଷ୍ଟ ଗେମ୍ ପରି ୨ଟି ବଡ଼ ଇଭେଣ୍ଟର ଟ୍ରାନ୍ସପୋର୍ଟ ଏବଂ ଆକୋମୋଡେସନ୍ ଦାୟିତ୍ୱ ଓଟିଡିସି ବହନ କରୁଥିବା ଶ୍ରୀ ସାଏ କହିଛନ୍ତି।

# ଚିଲିକାରେ ବଢ଼ିଲେ, ଗହୀରମଥାରେ କମିଲେ

**ଭୁବନେଶ୍ୱର :** ଚିଲିକାରେ ଡଲଫିନ୍ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଭିତରକନିକା ଜାତୀୟ ଉଦ୍ୟାନର ଗହୀରମଥା ଅଭୟାରଣ୍ୟରେ ଡଲଫିନ୍‌ର ସଂଖ୍ୟା ଉଲ୍ଲେଖନୀୟ ଭାବେ କମିଛି ବୋଲି ଚଳିତ ଡଲଫିନ୍ ଗଣନା ରିପୋର୍ଟରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ଚିଲିକାରେ ୧୧୩ଟି ଡଲଫିନ୍ ଦେଖିବାକୁ ମିଳିଥିବା ବେଳେ ଗହୀରମଥା କ୍ଷେତ୍ରରେ ଏହି ସଂଖ୍ୟା ୧୨୬ ରହିଥିଲା। ଅର୍ଥାତ୍ ରାଜ୍ୟର ସବୁଠାରୁ ଅଧିକ ଡଲଫିନ୍ ଗହୀରମଥାରେ ଦେଖା ଦେଇଥିଲେ। ମାତ୍ର ଚଳିତବର୍ଷ ଗଣନାରେ ଏତେ କମ୍ ମାତ୍ରାର ଡଲଫିନ୍ ଠାବ ହେବା ଘଟଣା ଜଙ୍ଗଲ ସଂରକ୍ଷଣ ବିଭାଗକୁ ବିସ୍ମିତ କରିଛି। ୨୦୧୯ ମସିହାରେ ହୋଇଥିବା ଡଲଫିନ୍ ଗଣନା ଅନୁଯାୟୀ ଗହୀରମଥାରେ ୧୨୬ଟି ଓ ୨୦୧୮ରେ ୩୦୭ଟି ଡଲଫିନ୍ ରହିଥିଲେ। ମାତ୍ର ଗତ ଜାନୁଆରୀ ୧୯ ତାରିଖରେ ହୋଇଥିବା ଚଳିତ ବର୍ଷର ଡଲଫିନ୍ ଗଣନାରେ ଗହୀରମଥାରେ ୬୨ଟି ଡଲଫିନ୍ ରହିଥିବା ସୂଚନା ମିଳିଛି। ରାଜ୍ୟ ଜଙ୍ଗଲ ଉପ-ସଂରକ୍ଷକ ପ୍ରଦୀପ୍ତ କୁମାର ସାହୁଙ୍କ କହିବା ଅନୁଯାୟୀ ଗହୀରମଥାରେ ଦିନିକିଆ ଡଲଫିନ୍ ଗଣନା ହୋଇଥିଲା। ଗଣନା ପରେ ଗହୀରମଥାରେ ୬୦ଟି ଇରାୱାଡି ଓ ୨ ଟି ବଟଲ୍ ନୋଜ୍ ଡଲଫିନ୍ ଦେଖିବାକୁ ମିଳିଛନ୍ତି। ଗତବର୍ଷର ସଂଖ୍ୟାଠାରୁ ଏହା ଅନେକ ମାତ୍ରାରେ କମ୍। ବିଶେଷ ଭାବେ ବଙ୍ଗୋପସାଗର ସହ ସଂଶ୍ଳିଷ୍ଟ ଜଳରାଶିରେ ଦେଖାଯାଉଥିବା ଏହି ସ୍ୱତନ୍ତ୍ର ଇରାୱାଡି ଡଲଫିନ୍ ରାଜ୍ୟରେ ବହୁଳ ଭାବେ ଦେଖାଯାଇଥାନ୍ତି। ଗତବର୍ଷ ଗହୀରମଥାରେ ଏମାନଙ୍କ ସଂଖ୍ୟା ୧୪ ରହିଥିଲା। ସେହିଭଳି ୨୦୧୯ ବର୍ଷର ଡଲଫିନ୍ ଗଣନାରେ



ଏଠାରେ ୯୮ଟି ହମ୍ପବ୍ୟାକ୍ ଡଲଫିନ୍ ଦେଖା ଦେଇଥିଲେ। ଉଲ୍ଲେଖଯୋଗ୍ୟ କେବଳ ଗହୀରମଥାକୁ ଛାଡ଼ି ରାଜ୍ୟର ସମସ୍ତ ଅଭୟାରଣ୍ୟ କିମ୍ବା ହ୍ରଦରେ ଇରାୱାଡି ଡଲଫିନ୍‌ଙ୍କ ସଂଖ୍ୟା ବଢ଼ିଛି। କେବଳ ଚିଲିକାରେ ଇରାୱାଡି ଡଲଫିନ୍‌ର ସଂଖ୍ୟା ଗତବର୍ଷ ୧୧୩ ରହିଥିବା ବେଳେ ଚଳିତବର୍ଷ ୧୪୬ଟି ଇରାୱାଡି ଡଲଫିନ୍ ଦେଖିବାକୁ ମିଳିଛି। ସେହିଭଳି ଚିଲିକାରେ ଚଳିତବର୍ଷ ୧୭ଟି ବଟଲ୍ ନୋଜ୍ ଡଲଫିନ୍ ରହିଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ରାଜ୍ୟର ଏଭଳି ଏକମାତ୍ର ଜିଲ୍ଲା ଯେଉଁଠି କେବଳ ବଟଲ୍ ନୋଜ୍ ଡଲଫିନ୍ ଦେଖିବାକୁ ମିଳିଛି। ଶ୍ରୀ ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷର ଡଲଫିନ୍ ଗଣନା ପରେ ରାଜ୍ୟରେ ସମୁଦାୟ ୨୩୩ଟି ଡଲଫିନ୍ ରହିଥିବା ଜଣାପଡ଼ିଛି। ଗତ ବର୍ଷ ଏହି ସଂଖ୍ୟା ୨୫୯ରେ ଥିଲା। ସେହିଭଳି ଗତ ବର୍ଷର ବିଗତ ବର୍ଷରେ ରାଜ୍ୟରେ ଡଲଫିନ୍‌ଙ୍କ ସଂଖ୍ୟା ଚିନ୍ତାଜନକ ଭାବେ ହ୍ରାସ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼େ। କେବଳ ୨୦୧୮ରେ ରାଜ୍ୟରେ ୨୧୦ଟି ଡଲଫିନ୍ କମିଥିଲେ।

## DECLARATION
FORM I
FORM OF DECLARATION
(see rule 3)

I, RASMITA PATRA declare that I am the *printer or *publisher or *printer and publisher of the newspaper entitled EKAMAATRA to be *printed at RADHAKRUSHNA PUBLICATION Pvt. Ltd. and *published at FLAT-003,MAHADEV ORCHID,COSMOPOLIS ROAD,DUMDUMA,BHUBANESWAR,DIST- KHORDHA , ODISHA or to be *printed and published at and that particulars in respect of the said newspaper given hereunder are true to the best of my knowledge and belief.

| | | |
|---|---|---|
| 1. Title of the newspaper | : | EKAMAATRA |
| 2 .Language (s) in which it is (to be), published | : | ODIA |
| 3. Periodicity of its publication | | |
| (a) Whether a daily, tri-weekly, bi-weekly Weekly, fortnightly, or otherwise | : | WEEKLY |
| (b) In the case of daily, please state whether it Morning or evening newspaper? | : | NA |
| (c) In the case of a newspaper other than a Daily, please state the days(s)/date(s) on Which it is (to be) published | : | MONDAY |
| 4. Retail selling price of the newspaper per copy | : | Rs 5.00 |
| (a) If the newspaper is for free distribution, Please state that it is "for free distribution" | : | NO |
| (b) If it has only an annual subscription and no Retail price, please state the annual Subscription | : | NO |
| 5. Publisher's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b) If a foreigner, please state the country of | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 6. Place of publication (Please give the complete postal address) | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 7. Printer's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b)If a foreigner, please state the country of origin | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 8. Name(s) of the printing press (es) where the Newspaper is actually printed and the true and Precise description of the premises on which the Press (es) is/are installed. | : | RADHAKRUSHNA PUBLICATION PVT. LTD. PLOT NO-H/18, MANCHESWAR INDUSTURIAL ESTATE BHUBANESWAR-10, ODISHA |
| 9. Editor's name | : | TARAK MOHANTY |
| .Nationality | : | INDIAN |
| (a)Whether a citizen of India? | : | YES |
| (b) If a foreigner, please state the country of Origin | : | NO |
| Address | : | SECTOR-2/289, NILADRI VIHAR POST- SAILASHREE VIHAR BHUBANESWAR-751021 DIST- KHORDHA, ODISHA |
| 10. Owner's name(s) | : | RASMITA PATRA |
| (a)Please state the particulars of individual(s) or Of the firm, Joint Stock Company, trust, co-Operative society or association which owns the newspaper | : | INDIVIDUAL |
| (b)Please state whether the owner owns any other Newspaper, and, if so, its name, periodicity, Language and place of publication. | : | NO |
| 11. Please state whether the declaration is in respect of | : | |
| (a) a new newspaper, or | : | A NEW NEWS PAPER |
| (b) an existing newspaper, | | |
| (c) in case the declaration falls under item (b), the reason for filling the fresh declaration. | : | FRESH DECLARATION |

Signature: Rasmita Patra
Name (in Block letters): RASMITA PATRA
Designation: PUBLISHER AND PRINTER

Authenticated on this day ... of month ... year ... under my seal and signature.

(Signature and seal of the Magistrate authenticating the declaration)
NIRANJAN SAHU, IAS
ADDITIONAL MAGISTRATE & COLLECTOR, KHORDHA

# ବଢ଼ିବ ହୋମଗାର୍ଡଙ୍କ ଦରମା

**କଟକ :** ଓଡ଼ିଶାରେ କାର୍ଯ୍ୟରତ ହୋମଗାର୍ଡଙ୍କ ପାଇଁ ଖୁସି ଖବର। ହାଇକୋର୍ଟଙ୍କ ଜଷ୍ଟିସ ବିଶ୍ୱନାଥ ରଥଙ୍କ କୋର୍ଟ ହୋମଗାର୍ଡଙ୍କୁ ଦୈନିକ ୫୦୦ ଟଙ୍କା ଲେଖାଏଁ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏଥିସହ ନିର୍ଦ୍ଦେଶରେ ହୋମଗାର୍ଡଙ୍କ ମାନ୍ୟତବା ବଢ଼ାଇ ଦରମା ଦେବାକୁ କୁହାଯାଇଛି। ନୂତନ ଦରମା ଗତ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମାସକ ମଧ୍ୟରେ ଲାଗୁ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାରଣ ସୁପ୍ରିମ୍‌କୋର୍ଟ ୨୦୧୬ରେ ହୋମଗାର୍ଡଙ୍କୁ ନେଇ କହିଥିଲେ ଯେ, ସର୍ବନିମ୍ନ ପୋଲିସ କର୍ମଚାରୀଙ୍କ ଦରମା ତତୁଲ୍ୟ କରାଯାଉ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ୮ଟି ରାଜ୍ୟ ଏହା ଲାଗୁ କରିଥିଲେ। କିନ୍ତୁ ଓଡ଼ିଶା ଏହାକୁ ଲାଗୁ କରିନଥିଲା। ଫଳରେ ହୋମଗାର୍ଡ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଥାଉ କି, ଓଡ଼ିଶାରେ ଏବେ ମୋଟ ୧୭ ହଜାର ୬୭୫ଜଣ ହୋମଗାର୍ଡ କାର୍ଯ୍ୟରତ ଅଛନ୍ତି।

# ଇସ୍ପାତ୍ ଶିଳ୍ପ ମାଧ୍ୟମରେ ଓଡିଶା ଦେଶର ୧ ନମ୍ବର ରାଜ୍ୟ ହେବ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ରାଜ୍ୟରେ ଇସ୍ପାତ୍ କ୍ଷେତ୍ରର ଅଭିବୃଦ୍ଧି ପାଇଁ ବଡ ରଣନୀତିର ଆବଶ୍ୟକତା ରହିଛି ଏବଂ ଏହି ଇସ୍ପାତ୍ ଶିଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଜାପାନ ଦେଶର ଭଲ ସହଯୋଗୀ ରାଷ୍ଟ୍ର ହୋଇଛି । ତେଣୁ ଆମକୁ ସହଯୋଗୀ ରାଷ୍ଟ୍ର ଜାପାନ ସହ ମିଶି ଓଡିଶାକୁ ଇସ୍ପାତ୍ ଶିଳ୍ପର ପୂର୍ବୋଦୟରେ ପ୍ରମୁଖ କେନ୍ଦ୍ର କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ଭୁବନେଶ୍ୱର ଠାରେ ଇସ୍ପାତ୍ ମନ୍ତ୍ରଣାଳୟ ଏବଂ ଜାପାନ ଏମଇଟିଆଇ ପକ୍ଷରୁ ଆୟୋଜିତ କର୍ମଶାଳା "ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ଇସ୍ପାତ୍‌ର ବ୍ୟବହାରକୁ ବଢାଇବା ପାଇଁ ସମର୍ଥ ପ୍ରକ୍ରିୟା"ରେ ଯୋଗଦେଇ ସେ ଏହା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଇସ୍ପାତ୍ ଶିଳ୍ପ ମାଧ୍ୟମରେ ଓଡିଶା ଦେଶର ୧ ନମ୍ବର ରାଜ୍ୟ ହେବ । ଅର୍ଥନୀତିକୁ ଆଗକୁ ନେବାରେ ଇସ୍ପାତ କ୍ଷେତ୍ରର ବଡ ଭୂମିକା ରହିଛି ଏବଂ ଓଡିଶା ଦେଶର ଇସ୍ପାତ୍ ଉତ୍ପାଦନର କେନ୍ଦ୍ରସ୍ଥଳୀ ହେବା ରାସ୍ତାରେ ଅଛି । ୨୦୩୦ ସୁଦ୍ଧା ଦେଶରେ ବାର୍ଷିକ ୩୦୦ ମିଲିୟନ ମେଟ୍ରିକ୍ ଟନ୍ ଇସ୍ପାତ୍ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଓଡିଶାରୁ କେବଳ ୧୦୦ ମିଲିୟନ ମେଟ୍ରିକ୍



ଟନ୍ ଇସ୍ପାତ୍ ଉତ୍ପାଦନ ହେବାର ସମ୍ଭାବନା ରହିଛି । ମାତ୍ର ଏହାକୁ ସାକାର କରିବା ପାଇଁ ଓଡିଶାର ଆନୁଷାଙ୍ଗିକ ବ୍ୟବସ୍ଥାକୁ ବଢାଇବାକୁ ପଡିବ। ସେ କହିଛନ୍ତି ଭାରତବର୍ଷରେ ମୁଣ୍ଡ ପିଛା ଇସ୍ପାତ୍ ବ୍ୟବହାର ମାତ୍ର ୭୦ କିଲୋଗ୍ରାମ ଥିବାବେଳେ ଏହାକୁ ବଢାଇବା ପାଇଁ ଧ୍ୟାନ ଦିଆଯାଉଛି । ଅନ୍ୟପଟେ ବିଶ୍ୱରେ ଇସ୍ପାତ ବ୍ୟବହାର ମୁଣ୍ଡ ପିଛା ହାରାହାରି ୨୨୫ କିଲୋଗ୍ରାମ ଥିବାବେଳେ ପ୍ରଗତିଶୀଳ ରାଷ୍ଟ୍ର ଜାପାନରେ ୫୦୦ କିଲୋଗ୍ରାମ ମୁଣ୍ଡ ପିଛା ଇସ୍ପାତ୍ ବ୍ୟବହାର ହେଉଛି । ଓଡିଶାରେଏହାକୁ ଅନ୍ୟୂନ ୧୫୦ କିଗ୍ରାରେ ପହଁଚାଇବାର ସମ୍ଭାବନା ରହିଛି । ଇସ୍ପାତର ବ୍ୟବହାର ବଢିଲେ ଗରିବ ଲୋକଙ୍କ ଜୀବନରେ ପରିବର୍ତନ ଆସିବ ଏବଂ ସ୍ଥାନୀୟ ଅର୍ଥନୀତି ମଧ୍ୟ ସୁଦୃଢ ହେବ । ସାମଗ୍ରିକ ଭାବେ ଦେଖିବାକୁ ଗଲେ ରାଜ୍ୟରେ ଇସ୍ପାତ୍ ବ୍ୟବହାର ବଢିଲେ ସାମାଜିକ ଭିତିଭୂମି ସହ ସବୁ କ୍ଷେତ୍ରର ବିକାଶ ହୋଇପାରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ସରକାର ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭଲପମେଂଟ୍ ରେଗୁଲେସନ ଆକ୍ଟ(ଏମ୍ଏମ୍‌ଡିଆର) ନିୟମରେ ପରିବର୍ତନ କାରଣରୁ ଓଡିଶା ବାର୍ଷିକ ପ୍ରାୟ ୨୦ ହଜାର କୋଟି ଟଙ୍କା ପାଇବ । ପୂର୍ବରୁ କେବଳ ରୟାଲିଟି ଓ ସେଲ୍ସ ଟ୍ୟାକ୍ସ ରାଜ୍ୟକୁ ମିଳୁଥିଲା । ସେ କହିଛନ୍ତି ଯେ ଦେଶର ୮୦ ପ୍ରତିଶତ ଖଣି ପୂର୍ବାଂଚଳରେ ରହିଛି । ରାଜ୍ୟରେ ଇସ୍ପାତ୍ ଶିଳ୍ପର ବିକାଶ ପାଇଁ ବିଜୁଳି ବିଲ୍ ଟାରିଫରେ ରହାତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ସେ ପରାମର୍ଶ ଦେଇଛନ୍ତି । ଯେହେତୁ ରାଜ୍ୟରେ ପ୍ରଚୁର କୋଇଲା ସମ୍ପଦ ରହିଛି, ତେଣୁ ବିଜୁଳିକୁ କଂଚାମାଲ ଭାବେ କମ୍ ମୂଲ୍ୟରେ ବ୍ୟବହାର କରି ଇସ୍ପାତ୍ ଉତ୍ପାଦନ କ୍ଷେତ୍ରରେ ଏକ ଇକୋସିଷ୍ଟମ ତିଆରି କରି ଏହି ଶିଳ୍ପକୁ ବଢାଇବାକୁ ପଡିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ରୁସା ପ୍ରକଳ୍ପର ସମୀକ୍ଷା ହେବ



**ଭୁବନେଶ୍ୱର :** ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ପକ୍ଷରୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜକୁ ମିଳୁଥିବା ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହେଉଛି କି ନାହିଁ ତାର ତଦାରଖ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ସେମାନଙ୍କୁ ଜିଲ୍ଲା ଓ କଲେଜ ଅନୁଯାୟୀ ଭାଗ ଭାଗ କରାଯାଇଛି। ପ୍ରତି ମାସରେ ଅତିକମ୍‌ରେ ଗୋଟିଏ ଜିଲ୍ଲାକୁ ତିନିଥର ଗସ୍ତ କରିବେ। ୩ଦିନ ଲଗାତାର ଭାବେ ରହିପାରିବେ ନ ହେଲେ ବିଭିନ୍ନ ସମୟରେ ତିନିଥର ଯିବେ। ଗସ୍ତ ସମୟରେ ଅଧିକାରୀମାନେ ରୁସା ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିବେ। ନୋଡାଲ୍ କନ୍‌ସଲ୍‌ଟାଣ୍ଟ ଭାବେ ନିଯୁକ୍ତ ହୋଇଥିବା ରାଜେଶ କୁମାର ମିଶ୍ରଙ୍କୁ ୮ଟି ଜିଲ୍ଲାର ୪୮ଟି କଲେଜ ଦାୟିତ୍ୱ ଦିଆଯାଇଥିବା ବେଳେ ରଶ୍ମିରଞ୍ଜନ ବିଶ୍ୱାଳଙ୍କୁ ୧୦ଟି ଜିଲ୍ଲାର ୪୫ଟି ଓ ଅରୁଣ କୁମାର ବର୍ମାଙ୍କୁ ୧୧ଟି ଜିଲ୍ଲାର ୪୮ଟି କଲେଜ ଦିଆଯାଇଛି। ମୋଟ ୧୫୬ଟି ଶିକ୍ଷାନୁଷ୍ଠାନର ସମୀକ୍ଷା କରାଯିବ। ଏଥିରେ ୧୪୧ଟି କଲେଜ ରହିଥିବା ବେଳେ ୧୪ଟି ବିଶ୍ୱବିଦ୍ୟାଳୟ ରହିଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି